ଆଜି - ଶୁକ୍ରବାର
ତାରିଖ - ୨୪ ଜୁଲାଇ ୨୦୨୬
ମାସ - କର୍କଟ, ଦିନ - ୦୮
ତିଥି - ଦଶମୀ ମଳ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଅନୁରାଧା, ବିଛା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୩: ୦୦
ସୂର୍ଯ୍ୟାସ୍ତ - ୬ : ୨୩: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି




ଅଚତୁର୍ବଦନୋ ବ୍ରହ୍ମା ଦ୍ୱିବାହୁର ପରୋ ହରିଃ ।
ଅଭାଲଲୋଚନଃ ଶମ୍ଭୁର୍ଭଗବାନ ବାଦରାୟଣଃ । ।


E-News : www.Ajikali epaper.com

Vol.- 41 ISSUE- 101 R.N.I. REGD. No. 44026/86 ବାଲେଶ୍ୱର ୨୪ ଜୁଲାଇ ୨୦୨୬ ଶୁକ୍ରବାର BALASORE 24 JULY 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


# ଆଜି ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା



ପୁରୀ : ଗୁରୁବାର ଦିନ ନବମୀ ଦର୍ଶନ ବା ଆଡ଼ପ ଦର୍ଶନ କରିଛନ୍ତି ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ । ଆଜି ମହାପ୍ରଭୁଙ୍କର ମଙ୍ଗଳଆଳତି, ମଇଲମ, ତଡ଼ପଲାଗି, ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା ସହ ଅନ୍ୟାନ୍ୟ ନୀତି ସମାପନ ପରେ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା । ସକାଳେ ମେଘୁଆ ପାଗ ଓ ଅପରାହ୍ନରେ ଶୁଖିଲା ପାଗ ଯୋଗୁଁ ଲକ୍ଷାଧିକ ଭକ୍ତ ବ୍ୟାରିକେଡ଼ ଦେଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଏହି ଦର୍ଶନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା । ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ସଂଧ୍ୟା ୬ଟାରେ ଦର୍ଶନ ବନ୍ଦ କରାଯାଇ ବାହୁଡ଼ା ଯାତ୍ରା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ବାହୁଡ଼ା ଯାତ୍ରା କିପରି ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ କରାଯିବ ସେନେଇ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଉପସ୍ଥିତ ରହି ତଦାରଖ କରିଥିଲେ । ଆଡ଼ପମଣ୍ଡପ ଦର୍ଶନ ସରିଆସୁଥିବା ବେଳେ ଶରଧାବାଲିରେ ପ୍ରବଳ ଭିଡ଼ ହେଉଥିବା ଦେଖିବାକୁ ମିଳିଛି । ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ଆସି ଘଂଟା ଘଂଟା ଧରି ଧାଡିରେ ଛିଡା ହୋଇ ବ୍ୟାରିକେଡ ଦେଇ ସିଂହଦ୍ୱାରରେ ପ୍ରବେଶ କରିଥିଲେ । ଭକ୍ତମାନେ ଆଡପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରି ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ । ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଓ ବାହାରେ ଜୟ ଜଗନ୍ନାଥ, ହରିବୋଲ ହୁଳହୁଳିରେ ଧ୍ୱନିରେ ପ୍ରକମ୍ପିତ ହେଉଥିଲା । ନବମୀସନ୍ଧ୍ୟା ଦର୍ଶନ ପାଇଁ ବଡଶଙ୍ଖ ଛକ ଠାରୁ ଲାଇନ ଲାଗିଥିବା ଦେଖାଯାଇଛି । ଆଜି ଶେଷ ଦର୍ଶନଥିବାରୁ ଶରଧାବାଲିରେ ଲାଗିଛି ଭକ୍ତଙ୍କ ଭିଡ଼ । ବାହୁଡ଼ାଯାତ୍ରା ପାଇଁ ସମସ୍ତ ସେବାୟତ ଏବଂ ଭକ୍ତମାନଙ୍କ ସହଯୋଗ କାମନା କରିଛନ୍ତି ମୁଖ୍ୟପ୍ରଶାସକ ଡଃ. ଅରବିନ୍ଦ ପାଢ଼ୀ । ସନ୍ଧ୍ୟାଦର୍ଶନ ଦିନ ଜନ୍ମ ବେଦୀରେ ମହାପ୍ରଭୁଙ୍କୁ ଦର୍ଶନକଲେ ଅଶେଷ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ଆଡ଼ପ ଦର୍ଶନ କରି ଭକ୍ତମାନେ ଭାବବିହ୍ୱଳ ହୋଇପଡିଥିଲେ । ଶୁକ୍ରବାର ବାହୁଡ଼ା ଯାତ୍ରା ଥିବାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଶୋଧ ହେବ । ତୃତୀୟ ଭୋଗ ମଣ୍ଡପ ପରେ ରାହସକୁ ମହାପ୍ରଭୁ ବିଜେ କରିବେ । ମଇଲମ, ଚନ୍ଦନ ଲାଗି, ବଡ଼ସିଂହାର ବେଶ, ବଡ଼ସିଂହାର ଭୋଗ ପରେ ରାତ୍ର ୧୦ଟାରେ ପହୁଡ କରାଯିବ । ପୁଷ୍ପାଳକମାନେ ଶ୍ରୀମୁଖରେ ଖଣ୍ଟୁଆ ପକାଇ ବାହାରକୁ ଯିବା ପରେ ଦଇତାପତି ମାନେ ଠାକୁରଙ୍କର ଗୁପ୍ତନୀତି କରିବେ । ଶୁକ୍ରବାର ଦିନ ମହାପ୍ରଭୁ ଧାଡି ପହଣ୍ଡିରେ ଆସି ରଥାରୁଢ ହେବେ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ଭକ୍ତମାନେ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିବେ । ଭକ୍ତି, ଭକ୍ତ ଓ ଭଗବାନଙ୍କ ମହାମିଳନ ହେବ । ଚକା ଆଖି ସହ ଭକ୍ତର ଆଖି ମିଶିବ । ରାଜ୍ୟ ପୋଲିସ ପ୍ରଶାସନ ଓ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ, ଶୃଙ୍ଖଳିତ ରଥଟଣା ଓ ଭକ୍ତଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

## ଯୁବପିଢ଼ିଙ୍କ ଭବିଷ୍ୟତ ସୁରକ୍ଷିତ ରଖିବା ପାଇଁ ପ୍ରଶ୍ନପତ୍ର ଲିକ୍ ମାମଲାରେ ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାକୁ ଘୋଷଣା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ଦେଶର ଯୁବପିଢ଼ିଙ୍କ କଲ୍ୟାଣ ଏବଂ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଦୃଢ଼ ଭାବେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଶ୍ନପତ୍ର ପ୍ରଘଟ ଘଟଣାଗୁଡ଼ିକରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଶୀଘ୍ର ଏବଂ କଠୋର ଦଣ୍ଡ ଦେବା ପାଇଁ ସରକାର ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାକୁ ନିଷ୍ପତି ନେଇଛନ୍ତି । ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଅଧିକାରୀ ଏବଂ ବିଭାଗଗୁଡ଼ିକୁ ସେ ନିର୍ଦ୍ଦେଶ ଜାରି କରିଥିବା ଶ୍ରୀ ମୋଦୀ ସୂଚନା ଦେଇଛନ୍ତି । ସେ ଆହୁରି ମଧ କହିଛନ୍ତି, ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିଆଯାଉଥିବା କଠୋର ପଦକ୍ଷେପ ଶୃଙ୍ଖଳାରେ ଏହି ନିଷ୍ପତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏକ କଡ଼ା ବାର୍ତା ଦେଇ ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଦେଶର ଯୁବପିଢ଼ିଙ୍କ ଭବିଷ୍ୟତ ସହିତ ଖେଳୁଥିବା ଲୋକଙ୍କ ବିରୁଦ୍ଧରେ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ସେମାନଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ । ପ୍ରଧାନମନ୍ତ୍ରୀ ଏକ୍ସରେ ଗୋଟିଏ ପୋଷ୍ଟ ମାଧମରେ ସୂଚନା ଦେଇ କହିଛନ୍ତି : ''ଦେଶର ଯୁବପିଢ଼ିଙ୍କ କଲ୍ୟାଣ ଏବଂ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଦୋଷୀମାନଙ୍କ ବିରୋଧରେ ତୁରନ୍ତ ଦଣ୍ଡାଦେଶ ଲାଗି, ମାମଲାଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ଫାଷ୍ଟ ଟ୍ରାକ୍ ଅଦାଲତ ଗଠନ କରାଯିବ । ଏ ସମ୍ପର୍କରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିଆଯାଉଥିବା କଠୋର ପଦକ୍ଷେପ ଶୃଙ୍ଖଳାରେ ଏହି ନିଷ୍ପତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଯୁବପିଢ଼ିଙ୍କ ଭବିଷ୍ୟତ ସହିତ ଖେଳୁଥିବା ଲୋକମାନଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ ।''

## ଅଳ୍ପରେ ଖବର

» ରାଉରକେଲା ମହାନଗର ନିଗମରେ ଡେପୁଟି କମିଶନର ଭାବେ କାର୍ଯ୍ୟରତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ମେଥୋଡିଅସ୍ ଲାକ୍ରାଙ୍କ ଅକାଳ ବିୟୋଗ ଖବର ଶୁଣି ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି ।

» ମେଘାଳୟରେ ସ୍ୱାମୀ ରାଜା ରଘୁବଂଶୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସୋନମ ରଘୁବଂଶୀଙ୍କ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି । ଜଷ୍ଟିସ୍ ଏମ୍. ଏମ୍. ସୁନ୍ଦରେଶଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସୋନମ ରଘୁବଂଶୀଙ୍କୁ ତିନି ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

» ଘରୋଇ ସରାଫା ବଜାରରେ ଆଜି ପ୍ରାରମ୍ଭିକ କାରବାର ସମୟରେ ସୁନା ଓ ରୂପା ଦରରେ ଜୋରଦାର ବୃଦ୍ଧି ଦେଖାଯାଇଛି । ଦର ବୃଦ୍ଧି ହେତୁ ଦେଶର ଅଧିକାଂଶ ସରାଫା ବଜାରରେ ସୁନାର ଦାମ ପ୍ରତି ୧୦ ଗ୍ରାମରେ ୨,୧୦୦ ଟଙ୍କାରୁ ୨,୧୯୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଛି ।


» କେନ୍ଦ୍ରସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ଡଃ. ହିମନ୍ତ ବିଶ୍ୱ ଶର୍ମାଙ୍କ ସହ କଥା ହୋଇଥିଲେ ଏବଂ ଆସାମର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଥିଲେ ।

## ଅର୍ଥନୈତିକ ଅଭିବୃଦ୍ଧିରେ ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ଓଡ଼ିଶା ରହିବା ଆମର ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ନୀତି ଆୟୋଗ ଦ୍ୱାରା ପ୍ରକାଶିତ ଇନଭେଷ୍ଟମେଂଟ ଫ୍ରେଣ୍ଡ୍ଲିନେସ୍ ଇଣ୍ଡେକ୍ସ-୨୦୨୬ରେ ଓଡିଶା ଦେଶର ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି । ଏଥିସହ ପୂର୍ବ ଓ ଉତର ଭାରତରୁ ଓଡିଶା ଏକମାତ୍ର ରାଜ୍ୟ ଭାବେ ସ୍ଥାନିତ ହୋଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନଠାରେ ରାଜ୍ୟର ବିଭିନ୍ନ ଶିଳ୍ପପତି, ଶିଳ୍ପ ପ୍ରତିନିଧି ଓ ଶିଳ୍ପ ସଂଘର କର୍ମକର୍ତାମାନେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି । ନୀତି ଆୟୋଗ ଇନଭେଷ୍ଟମେଂଟ ଫ୍ରେଣ୍ଡ୍ଲିନେସ୍ ଇଣ୍ଡେକ୍ସ-୨୦୨୬ରେ ଗୁଜୁରାଟ ୫୬.୬ ପଏଂଟ ପାଇ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ଓଡିଶା ୫୨.୪ ପଏଂଟ ସହିତ ପଂଚମ ସ୍ଥାନ ଅଧିକାର କରିଛି । ଦ୍ୱିତୀୟ ସ୍ଥାନରେ ମହାରାଷ୍ଟ୍ର, ତୃତୀୟରେ ତାମିଲନାଡୁ ଏବଂ ଚତୁର୍ଥରେ ଗୋଆ ରହିଛି । ବୃହତ ରାଜ୍ୟମାନଙ୍କ ମଧ୍ୟରେ ଦେଖିବାକୁ ଗଲେ ଓଡିଶାର ସ୍ଥାନ ଚତୁର୍ଥରେ ରହିଛି । ଶ୍ରେଷ୍ଠ ୫ଟିରେ ପଶ୍ଚିମ ଭାରତର ଗୁଜୁରାଟ, ଗୋଆ ଓ ମହାରାଷ୍ଟ୍ର ସ୍ଥାନ ପାଇଥିବା ବେଳେ ଦକ୍ଷିଣ ଭାରତରୁ ତାମିଲନାଡୁ ସ୍ଥାନ ପାଇଛି । ଦେଶର ଉତର ଓ ପୂର୍ବ ରାଜ୍ୟ ମାନଙ୍କ ମଧ୍ୟରୁ କେବଳ ଓଡିଶା ହିଁ ଟପ୍ ପର୍ଫର୍ମର ଭାବେ ସ୍ଥାନିତ ହୋଇଛି । ଏହି ଅବସରରେ ଶିଳ୍ପୋଦ୍ୟୋଗୀମାନଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୀତି ଆୟୋଗର ଏହି ମାନ୍ୟତା ଆମ ପାଇଁ ଖୁବ୍ ଉତ୍ସାହଜନକ । ଏହାଦ୍ୱାରା ଟିମ୍ ଓଡିଶା ଓ ଉଦ୍ୟୋଗୀମାନଙ୍କର ମନୋବଳ ବୃଦ୍ଧି ପାଇଛି । କେବଳ ଶିଳ୍ପ କ୍ଷେତ୍ରରେ ନୁହେଁ, ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ମଧ ଓଡିଶାକୁ ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ସ୍ଥାନିତ କରିବା ଆମର ଲକ୍ଷ୍ୟ । ସେ କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଆପଣମାନଙ୍କ ସହଯୋଗରେ ରାଜ୍ୟରେ ଯେଉଁ ଗତିରେ ଶିଳ୍ପ ବିକାଶ ହେଉଛି, ତାହା ପୂର୍ବରୁ କେବେ ହୋଇନଥିଲା । ୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆମେ କଥା ଦେଇଥିଲୁ । ମାତ୍ର ୨ ବର୍ଷରେ ୩ ଲକ୍ଷ କୋଟି ଟଙ୍କା ଟପି ଗଲାଣି । ୨ ବର୍ଷ ମଧ୍ୟରେ ଆମେ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷଣ କରିପାରିଛୁ । ବର୍ତମାନ ସୁଦ୍ଧା ରାଜ୍ୟରେ ଶିଳ୍ପ ସ୍ଥାପନ ପାଇଁ ୪୫୩ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହାଦ୍ୱାରା ୯.୫୦ ଲକ୍ଷ କୋଟି ଟଙ୍କା ନିବେଶ ଆସିବ । ଗତ ଦୁଇ ବର୍ଷରେ ଆମେ ୩.୧୧ ଲକ୍ଷ କୋଟି ଟଙ୍କାର ୧୫୨ଟି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛୁ । ଏହା ଦ୍ୱାରା ୨.୫୦ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ।

## ପୌରସଂସ୍ଥା ଗୁଡ଼ିକର ଆର୍ଥିକ କ୍ଷମତା ବୃଦ୍ଧି କଲେ ସରକାର : ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର




ଭୁବନେଶ୍ୱର: ଓଡ଼ିଶାର ସହରାଂଚଳ ବିକାଶକୁ ଅଧିକ ଗତିଶୀଳ କରିବା ଦିଗରେ ରାଜ୍ୟ ସରକାର ନେଇଛନ୍ତି ଏକ ବଡ଼ ନିଷ୍ପତି । ଓଡ଼ିଶା ସରକାର ପୌରସଂସ୍ଥା ଏବଂ ସ୍ମାର୍ଟ ସିଟି ଲିମିଟେଡ୍ ଗୁଡ଼ିକର ଆର୍ଥିକ କ୍ଷମତା ପରିସରକୁ ସଂଶୋଧିତ କରିଛନ୍ତି । ପୌର ପ୍ରଶାସନକୁ ସଶକ୍ତ କରିବା ଦିଗରେ ନଗର ଉନ୍ନୟନ ବିଭାଗ ନୂଆ ବ୍ୟବସ୍ଥା ଲାଗୁ କରିଛି । ନଗର ଉନ୍ନୟନ ବିଭାଗ ଦ୍ୱାରା ବିଜ୍ଞାପିତ ଏହି ସଂଶୋଧିତ ବ୍ୟବସ୍ଥା ତୁରନ୍ତ ଲାଗୁ ହେବ । ଏହି ସଂଶୋଧିତ କ୍ଷମତା ଅନୁଯାୟୀ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଏବଂ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ଏମଡିମାନଙ୍କ ଆର୍ଥିକ କ୍ଷମତାକୁ ମହାନଗର ନିଗମର କମିଶନରମାନଙ୍କ ସହିତ ସମାନ କରାଯାଇଛି । ଏହି ସଂଶୋଧିତ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ ହେବ । ନୂଆ ନିୟମ ଅନୁଯାୟୀ ଭୁବନେଶ୍ୱର ଓ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକଙ୍କ ଆର୍ଥିକ କ୍ଷମତାକୁ ମହାନଗର ନିଗମ କମିଶନରଙ୍କ ସମକକ୍ଷ କରାଯାଇଛି । ଫଳରେ ସହରାଂଚଳର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ନିଷ୍ପତି ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ଆହୁରି ଦ୍ରୁତ ହେବ । ମହାନଗର ନିଗମଗୁଡ଼ିକରେ କାର୍ଯ୍ୟ ବିଲ୍, କ୍ରୟ ବିଲ୍ ଓ ଅନ୍ୟାନ୍ୟ ଖର୍ଚ୍ଚ ମଞ୍ଜୁରୀ ପାଇଁ କମିଶନରଙ୍କ ଆର୍ଥିକ ସୀମାକୁ ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ସୀମା ଭୁବନେଶ୍ୱରରେ ୫୦ ଲକ୍ଷ ଓ ଅନ୍ୟ ମହାନଗର ନିଗମରେ ମାତ୍ର ୧୫ ଲକ୍ଷ ଟଙ୍କା ଥିଲା । ସେହିପରି ଦରମା ଓ ପେନ୍ସନ୍ ବିଲ୍ ପ୍ରଦାନ ପାଇଁ କମିଶନରମାନଙ୍କୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଛି । ପ୍ରକଳ୍ପଗୁଡ଼ିକର ପ୍ରଶାସନିକ ଅନୁମୋଦନ ସୀମାକୁ ୨ କୋଟିରୁ ବଢ଼ାଇ ୩ କୋଟି ଟଙ୍କା କରାଯାଇଛି ।

## ହାଇକୋର୍ଟଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି ଇ-କୋର୍ଟସ୍ ପ୍ରକଳ୍ପ



ଭୁବନେଶ୍ୱର : ଓଡ଼ିଶା ହାଇକୋର୍ଟଙ୍କ ମାର୍ଗଦର୍ଶନରେ ଓଡ଼ିଶାର ସମସ୍ତ ଜିଲ୍ଲା ଏବଂ ଅଧସ୍ତନ କୋର୍ଟରେ ଇ-କୋର୍ଟସ୍ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ରାଜ୍ୟ ସଭାରେ ଏ ସଂକ୍ରାନ୍ତ ପ୍ରଶ୍ନର ଉତରରେ କହିଛନ୍ତି, ଇ-କୋର୍ଟସ୍ ପ୍ରକଳ୍ପର ତୃତୀୟ ପର୍ଯ୍ୟାୟ ଅଧୀନରେ ୮୪୫ ନ୍ୟାୟାଳୟ ମଧ୍ୟରୁ ୮୧୭ଟିର ଏବଂ ୨୧୫ଟି କୋର୍ଟ କମ୍ପ୍ଲେକ୍ସ ମଧ୍ୟରୁ ୨୦୩ଟିର କମ୍ପ୍ୟୁଟରୀକରଣ ପାଇଁ ଆଇସିଟି ହାର୍ଡୱେୟାର ବ୍ୟବସ୍ଥା କରାଯାଇଛି । ୩୦ ଜୁନ୍ ୨୦୨୬ ସୁଦ୍ଧା, ହାଇକୋର୍ଟ ଏବଂ ଜିଲ୍ଲା କୋର୍ଟଗୁଡ଼ିକରେ ୨୪.୧୭ କୋଟି ପୃଷ୍ଠା ବିଶିଷ୍ଟ ମୋଟ ୪୨.୯୬ ଲକ୍ଷ ପୁରୁଣା ମାମଲା ରେକର୍ଡ ଡିଜିଟାଇଜେସନ୍ କରାଯାଇଛି । ବର୍ତମାନ ୧୮ଟି ହାଇକୋର୍ଟ ଅଦାଲତ ଏବଂ ୩୪୩ଟି ଜିଲ୍ଲା ନ୍ୟାୟିକ ଅଦାଲତ ପିଡିଏଫ୍-ଆଧାରିତ ଉପକରଣ ବ୍ୟବହାର କରି କାଗଜବିହୀନ ମୋଡ୍ରେ କାର୍ଯ୍ୟ କରୁଛନ୍ତି । ଏହା ମାମଲା ରେକର୍ଡ ଏବଂ କୋର୍ଟ କାର୍ଯ୍ୟକୁ ଡିଜିଟାଲ୍ ପ୍ରବେଶ ସୁବିଧା ପ୍ରଦାନ କରୁଛି । ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା କୋର୍ଟର ୱେବସାଇଟ୍ ଏସ୩ଡବ୍ଲୁଏଏସ ପ୍ଲାଟଫର୍ମକୁ ସ୍ଥାନାନ୍ତରିତ କରାଯାଇଛି । ଜିଲ୍ଲା ନ୍ୟାୟପାଳିକାର ୩୨୦ଟି କୋର୍ଟ ପ୍ରତିଷ୍ଠାନକୁ କେସ୍ ଇନଫର୍ମେସନ୍ ସିଷ୍ଟମ୍ (ସିଆଇଏସ) ୩.୦ ରୁ ସିଆଇଏସ ୪.୦କୁ ସଫଳତାର ସହ ସ୍ଥାନାନ୍ତରିତ କରାଯାଇଛି । ୨୦୨୬ ଜାନୁଆରୀ ପହିଲା ଠାରୁ, ସିଆଇଏସ ଇ[ର-ଅପରେବଲ୍ କ୍ରିମିନାଲ୍ ଜଷ୍ଟିସ୍ ସିଷ୍ଟମ୍ (ଆଇସିଜେଏସ) ପ୍ଲାଟଫର୍ମ ମାଧ୍ୟମରେ ୩.୧୦ ଲକ୍ଷ ଏଫଆଇଆର ଏବଂ ୨.୨୯ ଲକ୍ଷ ଚାର୍ଜସିଟ୍ ସହିତ ଜଡିତ ତଥ୍ୟକୁ ଉପଯୋଗ କରାଯାଇଛି । ଏହା ସହିତ, ସମସ୍ତ କୋର୍ଟରେ ଇ-ଫାଇଲିଂ ୩.୦ ସଫ୍ଟୱେର୍ କାର୍ଯ୍ୟକାରୀ କରାଯାଇଛି ଏବଂ ଜୁନ୍ ୩୦, ୨୦୨୬ ସୁଦ୍ଧା ୧.୩୧ ଲକ୍ଷ ମାମଲା ଇ-ଫାଇଲ୍ କରାଯାଇଛି । ରାଜ୍ୟର ସମସ୍ତ କୋର୍ଟରେ ଭିଡିଓ କନଫରେନ୍ସିଂ ସୁବିଧା ମଧ ଉପଲବ୍ଧ କରାଯାଇଛି ଏବଂ ୩୦ ଜୁନ୍ ୨୦୨୬ ସୁଦ୍ଧା ୭.୬୧ ଲକ୍ଷ ଭର୍ଚୁଆଲ୍ ଶୁଣାଣି କରାଯାଇଛି । ଏହା ସହିତ, ଦୂରଦୂରାନ୍ତର ଅଂଚଳର ନାଗରିକଙ୍କ ପାଇଁ ନ୍ୟାୟ ପାଇବାକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସାରା ୧୮୪ ଟି ଇ-ସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଇ-କୋର୍ଟ ପ୍ରକଳ୍ପର ତୃତୀୟ ପର୍ଯ୍ୟାୟରେ ଓଡ଼ିଶାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୯.୭୯ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ୬.୭୭ କୋଟି ଟଙ୍କା ବିନିଯୋଗ ହୋଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ୫୮.୪୮ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ୫୩.୨୪ କୋଟି ଟଙ୍କା ଉପଯୋଗ ହୋଇଛି । ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ମଞ୍ଜୁର ୧୬.୦୯ କୋଟି ଟଙ୍କା ମଧ୍ୟରୁ ୧୪.୧୨ କୋଟି ଟଙ୍କା ବିନିଯୋଗ ହୋଇଛି । ୨୦୨୬-୨୭ ଆର୍ଥିକ ବର୍ଷରେ ୭.୦୯ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ୪୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।

## 'କୁଶା' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କଲା ଡିଆରଡିଓ



ଭୁବନେଶ୍ୱର : ପ୍ରତିରକ୍ଷା ଗବେଷଣାଓ ବିକାଶ ସଂଗଠନ (ଡିଆରଡିଓ) ୨୩ ଜୁଲାଇ ୨୦୨୬ରେ ଓଡ଼ିଶା ଉପକୂଳ ଏପିଜେ ଅବଦୁଲ କଲାମ୍ ଦ୍ୱୀପରୁ ଲମ୍ବା ଦୂରଗାମୀ କ୍ଷେପଣାସ୍ତ୍ର 'କୁଶା'ରପ୍ରଥମ ସଫଳ ଉଡ଼ାଣ ପରୀକ୍ଷଣ କରିଛି । ଏହି ପ୍ରଥମ ପରୀକ୍ଷଣ ଏକ ଉଚ୍ଚ-ଗତି, ଉଚ୍ଚ-ଉଚ୍ଚତା ବିଶିଷ୍ଟ ଆକାଶମାର୍ଗ ବିପଦକୁ ଅନୁକରଣ କରୁଥିବା ଏକ ଇଲେକ୍ଟ୍ରୋନିକ୍ ଲକ୍ଷ୍ୟ ବିରୁଦ୍ଧରେ କରାଯାଇଥିଲା । କ୍ଷେପଣାସ୍ତ୍ର ପ୍ରଣାଳୀ ଦ୍ୱାରା ଲକ୍ଷ୍ୟକୁ ସଫଳତାର ସହ ଇଂଟରସେପ୍ଟ (ନଷ୍ଟ) କରି ଦିଆଯାଇଥିଲା । 'କୁଶା' କ୍ଷେପଣାସ୍ତ୍ର ପ୍ରଣାଳୀ ଲଢୁଆ ବିମାନ, କ୍ଷେପଣାସ୍ତ୍ର, ମାନବିହୀନ ବିମାନ (ୟୁଏଭି) ଏବଂ ବଡ଼ ଶତ୍ରୁ ବିମାନସମେତ ଭିନ୍ନ ଭିନ୍ନପରିସର ଓ ଉଚ୍ଚତାରେଆକାଶ ମାର୍ଗରୁ ଆସୁଥିବା ବିଭିନ୍ନ ପ୍ରକାରର ବିପଦକୁ ନଷ୍ଟକରିବାରେ ସକ୍ଷମ । କ୍ଷେପଣାସ୍ତ୍ର, ରାଡାର ଏବଂ କମାଣ୍ଡ ଓ ନିୟନ୍ତ୍ରଣ କେନ୍ଦ୍ର ସମେତ ଅସ୍ତ୍ରଶସ୍ତ୍ର ପ୍ରଣାଳୀର ସମସ୍ତ ପ୍ରମୁଖ ଉପାଦାନଗୁଡ଼ିକୁ ବିଭିନ୍ନ ଡିଆରଡିଓ ପରୀକ୍ଷାଗାର ଏବଂ ଶିଳ୍ପ ଅଂଶୀଦାରମାନଙ୍କ ଦ୍ୱାରା ବିକଶିତ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ କହିଛନ୍ତି ଯେ 'କୁଶା'ର ସଫଳ ଉଡ଼ାଣ ପରୀକ୍ଷଣଭାରତୀୟ ପ୍ରତିରକ୍ଷା ଗବେଷଣା ଓ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ଏହା ଦୀର୍ଘ ଦୂରଗାମୀ ଭୂପୃଷ୍ଠରୁ ଆକାଶ ମାର୍ଗକୁ ନିକ୍ଷେପ କରାଯାଇପାରୁଥିବା କ୍ଷେପଣାସ୍ତ୍ର ପ୍ରଣାଳୀ ବିକଶିତ କରିବାର କ୍ଷମତାକୁ ପ୍ରଦର୍ଶନ କରେ । ଏହି କ୍ଷମତା କେବଳ ହାତ ଗଣତି କିଛି ଦେଶ ପାଖରେ ଅଛି । ସେ କହିଛନ୍ତି, ଏହା ଏପରି ଏକ ପ୍ରଣାଳୀର ଆମଦାନୀ ଉପରେ ନିର୍ଭରଶୀଳତାକୁ ମଧ୍ୟ ଦୂର କରିବ ଏବଂ ଦେଶର ବାୟୁ ପ୍ରତିରକ୍ଷା କ୍ଷମତାକୁ ଉଲ୍ଲେଖନୀୟ ଭାବେ ମଜଭୁତ କରିବ ।ପ୍ରତିରକ୍ଷା ସଚିବ, ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବତଥା ଡିଆରଡିଓର ଅଧକ୍ଷଶ୍ରୀ ରାଜେଶ କୁମାର ସିଂହଉତକ୍ଷେପଣ ସମୟରେ ସମସ୍ତ କାର୍ଯ୍ୟକଳାପ ତଦାରଖ କରିଥିଲେ ଏବଂ ସଫଳ ଫ୍ଲାଇଟ୍ ପରୀକ୍ଷଣରେ ସାମିଲ ସମସ୍ତ ଦଳର ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ଉଚ୍ଚ ଶିକ୍ଷା ବିଭାଗର କମିଶନର ତଥା ସେକ୍ରେଟାରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ



ବାଲେଶ୍ୱର(ନି.ପ୍ର.) : ଆଜି ଅପରାହ୍ନ ୪.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର କମିଶନର ତଥା ସେକ୍ରେଟାରୀ ଏବଂ ବାଲେଶ୍ୱର ଜିଲ୍ଲାର ଭୋଟର ତାଲିକା ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ଅରବିନ୍ଦ ଅଗ୍ରୱାଲଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ପ୍ରଥମେ ଶ୍ରୀଯୁକ୍ତ ଅଗ୍ରୱାଲ ଜିଲ୍ଲାର ବିଭିନ୍ନ ବିଭାଗର କାର୍ଯ୍ୟ ପ୍ରଗତି, ଲୋକସେବା ପ୍ରଦାନ ବ୍ୟବସ୍ଥା, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ସମ୍ପର୍କରେ ସମୀକ୍ଷା କରିଥିଲେ । ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ ସେମାନଙ୍କ କାର୍ଯ୍ୟକ୍ରମର ଅଗ୍ରଗତି, କ୍ଷେତ୍ରସ୍ତରରେ ଦେଖାଦେଉଥିବା ସମସ୍ୟା ଏବଂ ତାହାର ସମାଧାନ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଯାଇଥିଲା । ଏହାପରେ ସେ ସ୍ୱତନ୍ତ୍ର ସଘନ ସଂଶୋଧନ (ଝଓଜ) କାର୍ଯ୍ୟକ୍ରମର ପ୍ରଗତି, ମତଦାତାଙ୍କ ପଞ୍ଜୀକରଣ, ତଥ୍ୟର ସଠିକତା, ଯୋଗ୍ୟ ମତଦାତାଙ୍କ ଅନ୍ତର୍ଭୁକ୍ତି ଏବଂ ଅଯୋଗ୍ୟ ନାମ ବିଲୋପ ପ୍ରକ୍ରିୟା ଉପରେ ବିସ୍ତୃତ ସମୀକ୍ଷା କରିଥିଲେ । ଜିଲ୍ଲାର ସମସ୍ତ ୮ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ରଜଙ୍ଗ) ଓ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇରଜଙ୍ଗ) ମାନେ ନିଜ ନିଜ ଅଂଚଳର ଅଗ୍ରଗତି ସମ୍ପର୍କରେ ଉପସ୍ଥାପନା କରିଥିଲେ । ସମୀକ୍ଷା ସମୟରେ ଶ୍ରୀ ଅଗ୍ରୱାଲ ବିଭିନ୍ନ ପ୍ରସଙ୍ଗରେ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟାନ୍ୱୟନରେ ଦେଖା ଦେଉଥିବା ସମସ୍ୟାଗୁଡ଼ିକର ତ୍ୱରିତ ଓ ବ୍ୟବହାରିକ ସମାଧାନ ପାଇଁ ସେ ଆବଶ୍ୟକ ପରାମର୍ଶ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା, ସମୟାନୁବର୍ତିତା, ଉତମ ସମନ୍ୱୟ ଏବଂ ଜନସେବାକୁ ସର୍ବାଧିକ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବାକୁ ସେ ଅଧିକାରୀମାନଙ୍କୁ ଆହ୍ୱାନ କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସମେତ ଜିଲ୍ଲାର ସମସ୍ତ ୮ଟି ବିଧାନସଭା ନିର୍ବାଚନମଣ୍ଡଳୀର ରଜଙ୍ଗ ଓ ଇରଜଙ୍ଗ ଏବଂ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସଦର ବିଧାୟକଙ୍କ କରକମଳରେ କୁରାଡିହା ଗ୍ରାମ ପଂଚାୟତର ନବ ନିର୍ମିତ ପଂଚାୟତ କାର୍ଯ୍ୟାଳୟ 'ଗ୍ରାମ ପଂଚାୟତ ଭବନ' ଲୋକାର୍ପିତ

ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁରାଡିହା ଗ୍ରାମ ପଂଚାୟତର ନବ ନିର୍ମିତ ପଂଚାୟତ କାର୍ଯ୍ୟାଳୟ 'ଗ୍ରାମ ପଂଚାୟତ ଭବନ' ଲୋକାର୍ପିତ ହୋଇଯାଇଛି । ସଦର ବିଧାୟକ ମାନସ କୁମାର ଦତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଗ୍ରାମ ପଂଚାୟତ ଭବନକୁ ଜନସେବା ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ । ଏହି ଅବସରରେ ଆୟୋଜିତ ଜନସଭାରେ ଶ୍ରୀ ଦତ କୁରାଡିହା ପଂଚାୟତର ସମସ୍ତ ଜନପ୍ରତିନିଧି ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ



ଅଭିନନ୍ଦନ ଜଣାଇଥିଲେ । ସ୍ୱଚ୍ଛ ଓ ଦ୍ରୁତ ଜନସେବା ପ୍ରଦାନର ଏକ ସଶକ୍ତ କେନ୍ଦ୍ର ଭାବେ ଏହି ଗ୍ରାମ ପଂଚାୟତ ଭବନ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ବିଧାୟକ ଶ୍ରୀ ଦତ ଆଶା ପ୍ରକାଶ କରିଥିଲେ । ନୂତନ କାର୍ଯ୍ୟାଳୟରେ ଆଧୁନିକ ବ୍ୟବସ୍ଥା ମଧ୍ୟରେ ପଂଚାୟତବାସୀ ବିଭିନ୍ନ ସରକାରୀ ସେବା ଓ ଯୋଜନାର ସୁଫଳ ଅଧିକ ସୁବିଧାଜନକ ଭାବେ ପାଇପାରିବେ ବୋଲି ବିଧାୟକ ଶ୍ରୀ ଦତ କହିଥିଲେ । ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ସରପଂଚ ସୁମିତ୍ରା ବାରିକ, ବରିଷ୍ଠ ନେତା ଗୌରାଙ୍ଗ ଦାସ, ହରେନ୍ଦ୍ର ପ୍ରଧାନ, କାର୍ତିକ ପ୍ରଧାନ, ରାଜେନ୍ଦ୍ର ଚାଟାର୍ଜୀ, ସଦାଶିବ ଜେନା, ବୀରଭଦ୍ର ଗୋଛାୟତ, ଶଶିକାନ୍ତ ମିଶ୍ର, ପୁରୁଷୋତମ ବାରିକ, ବରେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ବାରିକ, ବିଶ୍ୱନାଥ ଧଳ, ମନୋରଞ୍ଜନ ବାରିକ, ସୁଧାକର ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ମଂଚାସୀନ ଥିଲେ । ପରେ କୁରାଡିହା ପଂଚାୟତରେ ସମସରପୁର ମିନି






ଅଙ୍ଗନୱାଡି କେନ୍ଦ୍ରର ପୂର୍ଣ୍ଣାଙ୍ଗକରଣ ପ୍ରକଳ୍ପକୁ ଉଦଘାଟନ କରିଥିଲେ ବିଧାୟକ ଶ୍ରୀ ଦତ । ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ଆମ ସମସ୍ତଙ୍କର ପ୍ରାଥମିକତା । ଏହି ପ୍ରକଳ୍ପ ସ୍ଥାନୀୟ ଶିଶୁମାନଙ୍କ ସାମଗ୍ରିକ ବିକାଶ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବାର ସୁଦୃଢ଼ୀକରଣ ସହ ଉନ୍ନତ ପ୍ରାଥମିକ ଶିକ୍ଷା ପ୍ରଦାନ କରିବାରେ ବିଶେଷ ସହାୟକ ହେବ ବୋଲି ବିଧାୟକ ଶ୍ରୀ ଦତ ଆଶା ପ୍ରକାଶ କରିଥିଲେ । ଉଭୟ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କୁରାଡିହା ପଂଚାୟତବାସୀ ଯୋଗ ଦେଇଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର କମିଶନର-ତଥା-ସଚିବଙ୍କ ସମୀକ୍ଷା ବୈଠକ



ବାଲେଶ୍ୱର(ନି.ପ୍ର.) ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର କମିଶନର-ତଥା-ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ (ଆଇ.ଏ.ଏସ୍)ଙ୍କ ଅଧ୍ୟକ୍ଷତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏକ ଆନ୍ତଃକ୍ରିୟାତ୍ମକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବିଶ୍ୱବିଦ୍ୟାଳୟର ଶୈକ୍ଷିକ, ଗବେଷଣା ଓ ଭିତିଭୂମି ବିକାଶ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଏହି ବୈଠକରେ ସମୀକ୍ଷା କରାଯାଇଥିଲା । ଏହି ବୈଠକରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ (ଆଇ.ଏ.ଏସ୍), ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଶିବ ମାଲବ୍ୟ (ଆଇ.ଏ.ଏସ୍) ଏବଂ ବାଲେଶ୍ୱର ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼କ୍ଟର ହେମନ୍ତ କୁମାର ଘଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ । ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶର ଉନ୍ନତି, ଗବେଷଣା କ୍ଷେତ୍ରରେ ସହଯୋଗ ବୃଦ୍ଧି, ନବସୃଜନ ଓ ଉଦ୍ୟୋଗିତାର ପ୍ରୋତ୍ସାହନ, ଛାତ୍ରଛାତ୍ରୀମାନଙ୍କ ପାଇଁ ସେବାର ଗୁଣାତ୍ମକ ବିକାଶ ଏବଂ ଚାଲୁଥିବା ଭିତିଭୂମି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।କମିଶନର-ତଥା-ସଚିବ ବିଶ୍ୱବିଦ୍ୟାଳୟର ସାମ୍ପ୍ରତିକ ସଫଳତାକୁ ପ୍ରଶଂସା କରିବା ସହ ଗୁଣାତ୍ମକ ଶିକ୍ଷା, ନବସୃଜନ ଓ ସୁଶାସନ ମାଧ୍ୟମରେ ଉଚ୍ଚଶିକ୍ଷାର ରୂପାନ୍ତର ପାଇଁ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ କୁଳସଚିବ ଶ୍ରୀମତୀ କୁକୁମୀନା ଦାସ, ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, ସମସ୍ତ ବିଭାଗୀୟ ମୁଖ୍ୟ, ବିଭିନ୍ନ କେନ୍ଦ୍ର ଓ ପ୍ରକୋଷ୍ଠର ସଂଯୋଜକ ଏବଂ ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ । କୁଳପତି ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ସାମ୍ପ୍ରତିକ ସଫଳତା, ଚାଲୁଥିବା ଶୈକ୍ଷିକ ଓ ଗବେଷଣା କାର୍ଯ୍ୟକ୍ରମ ସହିତ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠିତ ହେବାର ଭବିଷ୍ୟତ ଦୃଷ୍ଟିକୋଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉଚ୍ଚମାନର ଶିକ୍ଷାର ପ୍ରସାର ଓ ଓଡ଼ିଶାର ସାମାଜିକ-ଆର୍ଥିକ ବିକାଶରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂମିକାକୁ ଆହୁରି ସୁଦୃଢ଼ କରିବାର ସଂକଳ୍ପ ସହ ବୈଠକ ଶେଷ ହୋଇଥିଲା ।

# ଆଦର୍ଶ ଶିକ୍ଷକ ଗୌରାଙ୍ଗ ପ୍ରଧାନଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ଜିଲ୍ଲାସ୍କୁଲ୍‌ରୁ ଅବସର ନେଇଥିବା ଜଣେ ଆଦର୍ଶ ଶିକ୍ଷକ ତଥା ବରିଷ୍ଠ ଗାନ୍ଧିବାଦୀ ବ୍ୟକ୍ତି ତଥା ସହଦେବଖୁ□ା ବାସିନ୍ଦା ଗୌରାଙ୍ଗ ପ୍ରଧାନଙ୍କର ୯୨ ବର୍ଷ ବୟସରେ ଦେହାନ୍ତ ହୋଇଛି । ସ୍ୱର୍ଗତ ପ୍ରଧାନଙ୍କ ଏକାଦଶାହ ସନ୍ଧ୍ୟାରେ ସ୍ୱର୍ଣ୍ଣଚୂଡ଼ ହୋଟେଲ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ତାଙ୍କର ପୁଅ, ଝିଅ, ପୁତ୍ରବଧୂ ଓ ଜାମାତାମାନଙ୍କ ସହ ଜ୍ଞାତିକୁଟୁମ୍ବ, ପଡ଼ୋଶୀ ଓ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଜିଲ୍ଲା ହାଇସ୍କୁଲ୍‌ର ଗତ ୧୯୮୦ ମସିହା ବ୍ୟାଚ୍‌ର ଅନେକ ଛାତ୍ର ଯୋଗ ଦେଇ ତାଙ୍କ ପ୍ରିୟ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ପ୍ରଧାନ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ସେ ଖଦଡ଼ ବସ୍ତ୍ର ବ୍ୟବହାର କରୁଥିଲେ ଓ ପାଦରେ ଯୋତା ବା ଚପଲ ପିନ୍ଧି ନଥିଲେ । ସାଇକେଲ୍ ତାଙ୍କର ଏକମାତ୍ର ବାହନ ନଥିଲା । ଶ୍ରୀଶ୍ରୀ ନିଗମାନନ୍ଦଙ୍କ ଆଶ୍ରିତ ଥାଇ ସେ ଜୀବନବ୍ୟାପୀ ଶାକାହାରୀ ଥିଲେ ଓ ସମୟାନୁବ□ତାକୁ ସେ ଗୁରୁତ୍ୱ ଦେଉଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବକ୍ତା ପ୍ରକାଶ କରିଥିଲେ । ସେ ଅନ୍ୟମାନଙ୍କ ପାଇଁ ଏକ ଆଦର୍ଶ ବ୍ୟକ୍ତିତ୍ୱ ଥିଲେ ବୋଲି ସେମାନେ ମତ ଦେଇଥିଲେ ।

ସର୍ବଶ୍ରୀ ଗୌରାଙ୍ଗ ପାଣିଗ୍ରାହୀ, ଆଇନଜୀବୀ ନିରଞ୍ଜନ ପରିଡ଼ା ଓ ମନୋଜ ନାୟକ, ଡ. କାଳିପଦ ପଣ୍ଡା, ପ୍ରଣବ ପରିଡ଼ା, ଭୂଦେବ ମହାପାତ୍ର, ମାନସ ମହାନ୍ତି, ରାଜନାରାୟଣ ଦାସ, ମୁକ୍ତାର ଅହମ୍ମଦ, ସୁବଳ ପ୍ରଧାନ, ବାସୁଦେବ ପାତ୍ର, ପୁଷ୍ପଲତା ଲେଙ୍କା, ପ୍ରଦୀପ୍ତ ମହାନ୍ତି, ଦେବାଶୀଷ ଦାସମହାପାତ୍ର, ପୁତ୍ର ଗୁରୁପଦ ପ୍ରଧାନ, କନ୍ୟା କ୍ରିଷ୍ଟା ପ୍ରଧାନ ଓ କନକ ପ୍ରଧାନ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଥିଲେ ।



# ବର୍ଷାଭିଜା ପରିବେଶରେ ଅନୁଷ୍ଠିତ ହେଲା ଇମାମି ନଗର ରଥଉତ୍ସବ




ବାଲେଶ୍ୱର(ନି.ପ.): ଇମାମି ନଗରସ୍ଥିତ ଗୁଣ୍ଡିଚା ମନ୍ଦିର ମେଳାପଡ଼ିଆରେ ଆୟୋଜିତ ରଥଉତ୍ସବ-୨୦୨୬ ବର୍ଷାଭିଜା ପରିବେଶ ମଧ୍ୟରେ ଅନୁଷ୍ଠିତ ହେବା ସହିତ ଭକ୍ତି, ସେବା ଓ ସଂସ୍କୃତିର ଏକ ଅପୂର୍ବ ସମନ୍ୱୟର ସାକ୍ଷୀ ପାଲଟିଥିଲା । ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗମ୍ଭୀର ମନ୍ତ୍ରୋଚ୍ଚାରଣ ଓ ଭକ୍ତିମୟ ପରିବେଶ ମଧ୍ୟରେ ତୁଳସୀ ଅଭିଷେକ ସମ୍ପନ୍ନ ହୋଇଥିଲା ।

ଅପରାହ୍ନରେ ଆୟୋଜିତ ସମ୍ମାନ ସମାରୋହରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏଫ୍ ?.ଏମ୍ ?. ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର, ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, କ୍ରୀଡ଼ା କ୍ଷେତ୍ରରେ ରାଜ୍ୟସ୍ତରୀୟ କ୍ରିକେଟର କୁମାରୀ ଶୁଭଲକ୍ଷ୍ମୀ ସିଂହ, ଜନନୀ ଟେଲରିଂ ସେଂଟରର ଆରତି ପ୍ରଧାନ, ସ୍ୱେଚ୍ଛାସେବୀ ସଂଗଠନ 'ମାତୃଭୂମି ସେବା ସଂସ୍ଥା' ଏବଂ କୁଟିର ଶିଳ୍ପ କ୍ଷେତ୍ରରେ ବିମଳା ରଥଙ୍କୁ ସମ୍ମାନିତ କରାଯାଇଥିଲା ।କାର୍ଯ୍ୟକ୍ରମରେ ଆଇଟିଆରର ଅତିରିକ୍ତ ନିର୍ଦ୍ଦେଶକ ନୀଳାଦ୍ରି ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରଥଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ କମ୍ପାନୀର ନିର୍ଦ୍ଦେଶକ ସୁଶୀଲ ଗୋୟେଙ୍କା ଓ ସିଇଓ ସୁଶୀଲ କୁମାର ଖେତାନ ପୁରସ୍କୃତ କରିଥିଲେ । ପରେ ଦୀପଦୀପାଳିରେ ସମଗ୍ର ମେଳାପଡ଼ିଆ ଓ ଗୁଣ୍ଡିଚା ମନ୍ଦିର ଆଲୋକମାଳାରେ ଝଲମଲ କରିଉଠିଥିଲା ।ସନ୍ଧ୍ୟା ୬.୩୦ରୁ ବୃନ୍ଦାବନରୁ ଆସିଥିବା ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ପରିବେଷିତ ମନୋମୁଗ୍ଧକର ରାସଲୀଳା ଦର୍ଶକ ଓ ଶ୍ରଦ୍ଧାଳୁଙ୍କୁ ଆଧ୍ୟାତ୍ମିକ ଭାବାବେଗରେ ବିଭୋର କରିଦେଇଥିଲା ।ଉଦ୍ ?ଯାପନୀ ସମାରୋହରେ ବାଲେଶ୍ୱର ଭିଜିଲାନ୍ସ ଜିଲ୍ଲା ବିଚାରପତି ଲଳିତ ଦାସ ଏବଂ ରେମୁଣା ବିଡିଓ ସାର୍ଥକ ସୌରଭ ମହାପାତ୍ର ଯୋଗଦେଇ ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରିଥିଲେ । ସେମାନେ ମହାପ୍ରଭୁ ଜଗନ୍ନାଥଙ୍କ ଆଦର୍ଶ, ସେବା, ମାନବିକତା ଓ ସାମାଜିକ ସମନ୍ୱୟର ବାର୍ତାକୁ ଅନୁସରଣ କରିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ମଗ୍ର ରଥଉତ୍ସବ ଭକ୍ତି, ସେବା, ସାମାଜିକ ସୌହାର୍ଦ୍ଦ ଓ ସାଂସ୍କୃତିକ ପରମ୍ପରାର ଏକ ସୁନ୍ଦର ନିଦର୍ଶନ ଭାବେ ସଫଳତାର ସହ ସମ୍ପନ୍ନ ହୋଇଥିଲା ।

# ରଶ୍ମିରଂଜନଙ୍କ ପାଇଁ ବିଭିନ୍ନ ସଂଗଠନ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରସ୍ଥ





ବାଲେଶ୍ୱର(ନି.ପ୍ର.) ଆଜିମାବାଦରେ ଭଡ଼ାରେ ରହୁଥିବା ରଶ୍ମିରେଖା ଭୂୟାଁଙ୍କ ବାସଭବନରେ ତାଙ୍କର ସ୍ୱାମୀ ରଶ୍ମିରଂଜନ ସେଠୀ ଯିଏକି ରଶ୍ମିରେଖାଙ୍କ ଜନ୍ମଉତ୍ସବ ପାଳନ କରିବା ପାଇଁ ଆସିବା, ଘଟଣା ପରଦିନ ତାଙ୍କୁ ହତ୍ୟା କରାଯାଇଥିବା, ପୋଲିସ ଘଟଣାସ୍ଥଳରୁ ଶବ ଜବତ କରି ଅଭିଯୋଗକ୍ରମେ ହତ୍ୟାକାଣ୍ଡ ମାମଲା ରୁଜୁ କରିଥିଲେ ହେଁ ଏଯାଏଁ ହତ୍ୟାକାଣ୍ଡରେ ସାମିଲ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇପାରି ନାହିଁ । ପୋଲିସ କେବଳ ତଦନ୍ତ କରୁଛି ବୋଲି ସୂଚନା ଦେଇଥିଲା ବେଳେ ରଶ୍ମିରଂଜନଙ୍କ ପରିବାର ପକ୍ଷରୁ ୨୩ ତାରିଖ ପୂର୍ବାହ୍ନରେ ବାଲେଶ୍ୱରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପରେଶ ରାଉତଙ୍କୁ ପରିବାର ଲୋକେ ଭେଟି ତୁରନ୍ତ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଖବରରୁ ପ୍ରକାଶଯେ, ରଶ୍ମିରଂଜନ ସେଠୀଙ୍କ ମାତା ସଂଯୁକ୍ତା ସେଠୀ ଯାହାଙ୍କ ଘର ଜଗତସିଂହପୁର ଅଁଳା ଅଂଚଳର । ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ତାଙ୍କର ପୁତ୍ର ଯିଏକି ରଶ୍ମିରେଖା ଭୂୟାଁଙ୍କ ସହ ପ୍ରେମ ବିବାହ କରିବା ଇତ୍ୟାଦି ଘଟଣାରେ ପର୍ଯ୍ୟାୟକ୍ରମେ ତାଙ୍କର ସ୍ତ୍ରୀ ରଶ୍ମିରେଖା ସରକାରୀ କାର୍ଯ୍ୟ କରିବା, ବାଲେଶ୍ୱର ମୁଖ୍ୟ ଚିକିତ୍ସାଳରେ କାର୍ଯ୍ୟରତ ଥିବା ଏବଂ ସେଠାରୁ କରଂଜିଆକୁ ବଦଳି ହେବା ଏହି ଅବସରରେ ତାଙ୍କର ପୁତ୍ରବଧୂଙ୍କ ସହିତ ଦେବାଶିଷ ନାୟକ ନାମକ ଜଣେ ପୁରୁଷବନ୍ଧୁଙ୍କ ସମ୍ପର୍କ ଥାଇ ହତ୍ୟାକାଣ୍ଡରେ ସାମିଲ ଥାଇପାରନ୍ତି ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି କଂଗ୍ରେସ ଦଳ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି ।

# ଫକୀର ମୋହନ ବିଶ୍ୱବିଦ୍ୟାଳୟ ସିନେଟ୍ ସଦସ୍ୟ ଭାବେ ବସ୍ତା ବିଧାୟିକା ମନୋନୀତ



ବାଲେଶ୍ୱର,(ନି.ପ୍ର.) ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାରର 'ସିନେଟ୍ ସଦସ୍ୟ' ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ମନୋନୀତ ହୋଇଛନ୍ତି । ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ, ୨୦୨୪, ଉଚ୍ଚ ଶିକ୍ଷା ବିଭାଗର ପତ୍ର ସଂଖ୍ୟା ଐର-ଟଘର-ଚଙଖଓଉଣ-୦୦୨୩-୨୦୨୫/୩୬୭୯୯/ଐର (ତାରିଖ: ୦୬.୦୭.୨୦୨୬) ଏବଂ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୯(୧)(ର) ଅନୁସାରେ ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି । ପ୍ରକାଶଯୋଗ୍ୟ ଯେ, ବିଶ୍ୱବିଦ୍ୟାଳୟର ପରିଚାଳନା, ନୀତି ନିର୍ଦ୍ଧାରଣ ଏବଂ ସାମଗ୍ରିକ ବିକାଶ କ୍ଷେତ୍ରରେ 'ସିନେଟ୍' ଏକ ସର୍ବୋଚ୍ଚ ଗଣତାନ୍ତ୍ରିକ ଓ ନୀତି ନିର୍ଦ୍ଧାରକ ପରିଷଦ ଭାବେ କାର୍ଯ୍ୟ କରିଥାଏ । ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ଦୈନନ୍ଦିନ ପ୍ରଶାସନିକ ଓ ପରିଚାଳନାଗତ ନିଷ୍ପତି ଗ୍ରହଣ କରୁଥିବା ବେଳେ, ସିନେଟ୍ ହେଉଛି ସମଗ୍ର ବିଶ୍ୱବିଦ୍ୟାଳୟର ନୀତିଗତ ଅନୁମୋଦନ ଓ ସାମଗ୍ରିକ ଦିଗଦର୍ଶନ ଦେଉଥିବା ସର୍ବୋଚ୍ଚ ସଂସ୍ଥା । ଏହି ଅବସରରେ ବିଧାୟିକା ଶ୍ରୀମତୀ ଜେନା ମହାମହିମ ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଏବଂ ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି । ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଉନ୍ନତି ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ସେ ନିଜର ସକ୍ରିୟ ଯୋଗଦାନ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି ।

# ପରିଜା ପାଠାଗାର ପରିଦର୍ଶନ କରି ଐତିହ୍ୟ ଓ ଆଧୁନିକତାରେ ମୁଗ୍ଧ ହେଲେ ବିଧାୟକଗଣ

ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟର ଗର୍ବ ପରିଜା ପାଠାଗାରକୁ ମଙ୍ଗଳବାର ଦିନ ପରିଦର୍ଶନରେ ଯାଇଥିବା ଓଡ଼ିଶା ବିଧାନସଭାର ମାନ୍ୟବର ସଦସ୍ୟମାନଙ୍କୁ ସ୍ୱାଗତ କରଛି ବିଶ୍ୱବିଦ୍ୟାଳୟ । କେନ୍ଦ୍ରୀୟ ପାଠାଗାର ପରିଦର୍ଶନ ସମୟରେ ବିଧାୟକମାନେ ଏହାର ଐତିହାସିକ ସଂଗ୍ରହ ସହ ଆଧୁନିକ ସୁବିଧାର ଭୂୟସୀ ପ୍ରଶଂସା କରିଥିଲେ ।ପରିଦର୍ଶନ ବେଳେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ, ପି.ଜି. କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜଗ୍ନେଶ୍ୱର ଦଣ୍ଡପାଟ, କୁଳସଚିବ ଡଃ ସ୍ୱାତୀ ମିଶ୍ର, ଲାଇବ୍ରେରୀ ମୁଖ୍ୟ ଡଃ ଆଶାପୂର୍ଣ୍ଣା ପ୍ରିୟଦର୍ଶିନୀ ନାୟକ ଏବଂ ପ୍ରଫେସର ଭାସ୍ୱତୀ ପଟ୍ଟନାୟକ ଉପସ୍ଥିତ ଥିଲେ । ସେମାନେ ଅତିଥିମାନଙ୍କୁ ପାଠାଗାରର ବିଭିନ୍ନ ବିଭାଗ ବୁଲାଇ ଦେଖାଇଥିଲେ । ରେଫରେନ୍ସ ବିଭାଗ, ପାଣ୍ଡୁଲିପି ବିଭାଗ, ଦୁର୍ଲଭ ପୁସ୍ତକ ସଂଗ୍ରହ, ଗବେଷଣା କ୍ୟୁବିକଲ ସହ ଆରଏଫଆଇଡି ଆଧାରିତ ସର୍କୁଲେସନ, ଇ-ଗ୍ରନ୍ଥାଳୟ, ଓ୍ୱେବ୍-ଓପାକ୍, ଡିଜିଟାଲ୍ ଲାଇବ୍ରେରୀ, ପ୍ଲେଜିଆରିଜମ୍ ଯାଂଚ ସେବା ଏବଂ ପ୍ରତିଷ୍ଠାନିକ ରିପୋଜିଟୋରି ବିଷୟରେ ବିଧାୟକମାନଙ୍କୁ ସମ୍ପୂର୍ଣ୍ଣ ସୂଚନା ଦିଆଯାଇଥିଲା ।ଏହି ଅବସରରେ କୁଳପତି ପ୍ରଫେସର ନନ୍ଦ କହିଲେ, ପରିଜା ପାଠାଗାର କେବଳ ପୁସ୍ତକ ରଖିବା ଜାଗା ନୁହେଁ । ଏଠାରେ ଥିବା ଓଡ଼ିଶାର ଦୁର୍ଲଭ ତାଳପତ୍ର ପୋଥି, ପାଣ୍ଡୁଲିପି, ପ୍ରାଚୀନ ମୁଦ୍ରା ଓ ଐତିହାସିକ ଦସ୍ତାବିଜ ହେଉଛି ରାଜ୍ୟର ଅମୂଲ୍ୟ ଐତିହ୍ୟ । ଏହି ସମ୍ପଦର ସଂରକ୍ଷଣ ଓ ଡିଜିଟାଇଜେସନ୍ ବର୍ତମାନ ବିଶ୍ୱବିଦ୍ୟାଳୟର ପ୍ରାଥମିକତା ବୋଲି ସେ କହିଥିଲେ ।



ତାଳପତ୍ର ପାଣ୍ଡୁଲିପି ବିଭାଗରେ ସଂରକ୍ଷିତ ଦୁର୍ଲଭ ସଂଗ୍ରହକୁ ଦେଖି ମାନ୍ୟବର ସଦସ୍ୟମାନେ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ । ଉଚ୍ଚଶିକ୍ଷା, ଗବେଷଣା ଓ ଡିଜିଟାଲ୍ ଶିକ୍ଷା କ୍ଷେତ୍ରେ ପାଠାଗାରର ଆଧୁନିକ ଭିତିଭୂମି ଏବଂ ଉପଭୋକ୍ତା-କେନ୍ଦ୍ରିକ ସେବା ପାଇଁ ସେମାନେ ପ୍ରଶଂସା କରିଥିଲେ । ଏହି ପରିଦର୍ଶନ ନୀତି ନିର୍ଦ୍ଧାରକ ଓ ଉଚ୍ଚଶିକ୍ଷା ଅନୁଷ୍ଠାନ ମଧ୍ୟରେ ସମନ୍ୱୟକୁ ଆହୁରି ମଜବୁତ କରିବ ବୋଲି ମତ ପ୍ରକାଶ ପାଇଛି ।





# ନୂତନ ହିତାଧିକାରୀଙ୍କୁ ଭତା ବଂଟନ



ନୟାଗଡ଼(ନିପ୍ର) : ନୟାଗଡ଼ ବ୍ଲକର ନୂତନ ସମ୍ମିଳନୀ କକ୍ଷଠାରେ ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ନୂତନ ଭତା ବଂଟନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମଂଚସ୍ଥ ଅତିଥି ଭାବେ ବ୍ଲକ ଅଧକ୍ଷ ଶ୍ରୀ କିଶୋର ଚନ୍ଦ୍ର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଐଶ୍ୱର୍ଯ୍ୟା ଭୁଇୟା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରତିକାନ୍ତ ସାହୁଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରୀତମ କୁମାର ମହାରଣା ଉପସ୍ଥିତ ରହି ୨୬୦ ଜଣ ନୂତନ ଭାବେ ମଞ୍ଜୁରୀପ୍ରାପ୍ତ ହିତାଧିକାରୀଙ୍କୁ ଭତା ପ୍ରଦାନ କରିଥିଲେ । ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାର ସଫଳ ରୂପାୟନ ଏବଂ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସଠିକ୍ ସମୟରେ ସହାୟତା ପହଂଚାଇବା । ସରକାରୀ ସେବାକୁ ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ପାଇଁ ଏହି ଅବସରରେ ବ୍ୟାପକ ଆଲୋଚନା କରାଯାଇଥିଲା । ଏହି ସମ୍ମିଳନୀରେ ସ୍ଥାନୀୟ ସରପଂଚ, ସମିତି ସଭ୍ୟ ଏବଂ ବ୍ଲକର ସମସ୍ତ କର୍ମଚାରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ ପକ୍ଷରୁ ମୂଷାଡ଼ିଆ ସ୍କୁଲକୁ ସୁବିଧା ଉପକରଣ ଦାନ ଅଭିଯାନ




ପାରାଦୀପ(ନିପ୍ର) : ପାରାଦୀପ ଇଫକୋ ନିକଟସ୍ଥ ମୂଷାଡ଼ିଆ ର ୟୁ.ପି.ସ୍କୁଲର ପ୍ରକଳ୍ପ ପାଠାଗାର ଏବଂ ଭିତିଭୂମିକୁ ସମର୍ଥନ ଓ ସହଯୋଗ କରିବା ପାଇଁ ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ ପକ୍ଷରୁ ଇଫକୋ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଇଫକୋର ପ୍ରଥମ ମହିଳା ମମତା ପଟେଲ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜ୍ୟୋତି ଲେଡିଜ୍ କ୍ଲବର ସଭାନେତ୍ରୀ ଶ୍ରୀମତୀ ସୁଚିତ୍ରା ମୂର୍ତି, ସମ୍ପାଦିକା ଶ୍ରୀମତୀ ପ୍ରିୟଙ୍କା ଯାଦବ, ରଞ୍ଜନା ଓଝା, ଶ୍ରୀମତୀ ପ୍ରଣତି ନାୟକ ଏବଂ ଜ୍ୟୋତି ଲେଡିଜ୍ କ୍ଲବ ଇଫକୋର ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ସ୍କୁଲର ଏହି ଉପକରଣ ବଂଟନ କାର୍ଯ୍ୟକ୍ରମରେ କ୍ଲବର ତୃଣମୂଳ ସ୍ତରରେ କଲ୍ୟାଣ ପ୍ରତି ପ୍ରତିବଦ୍ଧତା ଉପରେ ଆଲୋକପାତ କରାଯାଇଥିଲା ଏବଂ ଜ୍ୟୋତି ଲେଡିଜ୍ କ୍ଲବ ସ୍କୁଲ ପାଇଁ ଫର୍ଣ୍ଣିଚର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିଥିଲେ । ଏହି ଅନୁଦାନ ଲାଇବ୍ରେରୀ ଏବଂ ଶ୍ରେଣୀଗୃହ ସୁବିଧାକୁ ଉନ୍ନତ କରିବ ଏବଂ ମୂଷାଡ଼ିଆ ପ୍ରୋଜେକ୍ଟ ୟୁ.ପି.ସ୍କୁଲର ଛାତ୍ରଛାତ୍ରୀମାନଙ୍କ ପାଇଁ ଅଧିକ ଅନୁକୂଳ ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ । ସମାବେଶକୁ ସମ୍ବୋଧିତ କରି ଶ୍ରୀମତୀ ପଟେଲ ଇଫକୋର ନିରନ୍ତର ସମର୍ପଣ ଉପରେ ଗୁରୁତ୍ୱାରୋପ କରିଥିଲେ । 'ଇଫକୋର ଜ୍ୟୋତି ଲେଡିଜ୍ କ୍ଲବ ଯେତେବେଳେ ଏବଂ ଯେଉଁଠାରେ ସାହାଯ୍ୟର ଆବଶ୍ୟକତା ପଡ଼ିବ ସେତେବେଳେ ଏପରି କାର୍ଯ୍ୟକ୍ରମ ଜାରି ରଖିବ, ବୋଲି ସେ କହିଥିଲେ । 'ଯେଉଁ ସ୍ଥାନରେ ସାହାଯ୍ୟ ପହଂଚିବା ସମ୍ଭବ ନୁହେଁ, ସେଠାରେ ମଧ ଇଫକୋ ଆବଶ୍ୟକୀୟ ସମସ୍ତ ସାମଗ୍ରୀ ଯୋଗାଇବା ପାଇଁ ପଦକ୍ଷେପ ନେବ । 'ଏହି କାର୍ଯ୍ୟକ୍ରମକୁ ଇଫକୋ ର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସଫଳତାର ସହିତ ପରିଚାଳନା କରିଥିଲେ । ଏହି ପଦକ୍ଷେପ କ୍ଲବର ପୂର୍ବ ଦାନଶୀଳ ପ୍ରୟାସ ଉପରେ ଆଧାରିତ, ଭବିଷ୍ୟତରେ ଏପରି କାର୍ଯ୍ୟକଳାପକୁ ବଜାୟ ରଖିବା ଏବଂ ବିସ୍ତାର କରିବାର ଯୋଜନା ସହିତ, ଓଡ଼ିଶାର ଶିଳ୍ପ କେନ୍ଦ୍ରରେ ସାମୁଦାୟିକ ଉନ୍ନତିରେ ଇଫକୋ ର ଭୂମିକାକୁ ଆହୁରି ସୁଦୃଢ଼ କରିବ ବୋଲି ସୂଚନା ଦିଆଯାଇଛି ।

# ପରିବାର ନିଯୋଜନ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ଶରତ, ସୁଚିତ୍ରା ଓ ସମ୍ବିତ ସମ୍ମାନିତ




ବ୍ରହ୍ମପୁର/ଛତ୍ରପୁର(ନିପ୍ର) : ଜିଲ୍ଲାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୂଚକାଙ୍କରେ ଆହୁରି ଉନ୍ନତି ଆଣିବା ସହ ଜନସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରଜନନ, ମାତୃ, ନବଜାତ, ଶିଶୁ, କିଶୋର ସ୍ୱାସ୍ଥ୍ୟ ଓ ପୋଷଣ କାର୍ଯ୍ୟକ୍ରମର ଫଳପ୍ରଦ କାର୍ଯ୍ୟାନ୍ୱୟନ ଉପରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ୱ୍ାସନ ଗୁରୁତ୍ୱାରୋପ କରିଛନ୍ତି । ଛତ୍ରପୁର ସ୍ଥିତ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ଓ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ପ୍ରଜନନ, ମାତୃ, ନବଜାତ, ଶିଶୁ, କିଶୋର ସ୍ୱାସ୍ଥ୍ୟ ଓ ପୋଷଣ କାର୍ଯ୍ୟକ୍ରମ ଏବଂ 'ନିରୀକ୍ଷଣ' କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା କରିଥିଲେ । ଗର୍ଭବତୀ ମହିଳାଙ୍କର ପ୍ରାରମ୍ଭିକ ପଞ୍ଜୀକରଣ, ଜଟିଳ ଗର୍ଭଧାରଣର ସମୟୋପଯୋଗୀ ଚିହ୍ନଟ, ନିର୍ଦ୍ଧାରିତ ସମୟରେ ଅଲ୍ଟ୍ରାସୋନୋଗ୍ରାଫି, ସୁରକ୍ଷିତ ପ୍ରତିଷ୍ଠାନଭିତିକ ପ୍ରସବ, ଶିଶୁଙ୍କ ସମ୍ପୂର୍ଣ୍ଣ ଟିକାକରଣ, ଗୁଣାତ୍ମକ ପରିବାର ନିଯୋଜନ ସେବା, ପୋଷଣ ଅଭିଯାନ ଅଧୀନରେ ପୁଷ୍ଟିକର ଖାଦ୍ୟ, ଲୌହ ଓ ଫୋଲିକ ଅମ୍ଳ ବଟିକା, କ୍ୟାଲସିୟମ୍ ପ୍ରଦାନ, ଶିଶୁଙ୍କ ବୃଦ୍ଧି ନିରୀକ୍ଷଣ, ଗୁରୁତର ଓ ମଧମ ପୁଷ୍ଟିହୀନ ଶିଶୁଙ୍କର ଯଥାଯଥ ପରିଚାଳନା ଏବଂ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ସୁବିଧା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଂଚାଇବା ଦିଗରେ ସମସ୍ତ ଅଧିକାରୀଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ରେକର୍ଡ ଓ ଦସ୍ତାବିଜ ପରିଚାଳନାକୁ ସୁଦୃଢ଼ କରିବା, ଆବଶ୍ୟକୀୟ ଔଷଧ, ପରୀକ୍ଷା ସୁବିଧା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା, ଆମ୍ବୁଲାନ୍ସ ଓ ଅଟୋ ଆମ୍ବୁଲାନ୍ସ ସେବା ସମେତ ରୋଗୀ ପରିବହନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଏବଂ ସଂକ୍ରମଣ ନିୟନ୍ତ୍ରଣ ବ୍ୟବସ୍ଥାର ନିୟମିତ ତଦାରଖ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଜନସଂଖ୍ୟା ସ୍ଥିରତା ପକ୍ଷ (୧୧ରୁ ୨୪ ଜୁଲାଇ) ପାଳନ ଅବସରରେ ପରିବାର ନିଯୋଜନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଶ୍ରେଷ୍ଠ ବ୍ଲକ୍, ସ୍ୱାସ୍ଥ୍ୟ ଅନୁଷ୍ଠାନ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ବନ୍ଧ୍ୟାକରଣରେ ୪୧୩ଟି ଅସ୍ତ୍ରୋପଚାର କରି ସାନଖେମୁଣ୍ଡି ବ୍ଲକ୍ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ବେଗୁନିଆପଡ଼ା ବ୍ଲକ୍ (୩୮୭) ଦ୍ୱିତୀୟ ଏବଂ ଛତ୍ରପୁର ବ୍ଲକ୍ (୩୬୭) ତୃତୀୟ ସ୍ଥାନ ଅଧିକାର କରିଛି । ପ୍ରସବ ପରବର୍ତ୍ତୀ ଆଇୟୁସିଡି ରୋପଣରେ ଏମ୍.କେ.ସି.ଜି. ମାତୃ ଓ ଶିଶୁ ଚିକିତ୍ସାଳୟ ୪,୬୭୭ଟି ସ୍ଥାପନ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଭଞ୍ଜନଗର ଓ ହିଞ୍ଜିଳିକାଟୁ ବ୍ଲକ୍ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି । ସେହିପରି ସବ୍-ଡର୍ମାଲ୍ ଇମ୍ପ୍ଲାଂଟ ଇନ୍‌ସର୍ସନ୍ କ୍ଷେତ୍ରରେ ପୋଲସରା, ସୋରଡ଼ା ଏବଂ ରଙ୍ଗେଇଲୁଣ୍ଡା ବ୍ଲକ୍ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସମ୍ମାନିତ ହୋଇ ଥିଲେ । ପରିବାର ନିଯୋଜନ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ଶରତ କୁମାର ସାମଲ, ଡା. ସୁଚିତ୍ରା କୁମାରୀ ସାହୁ ଏବଂ ଡା. ସମ୍ବିତ ବିଗ୍ରେଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଅପରେସନ ଥିଏଟର ସହାୟକ ଭାବେ ଉଲ୍ଲେଖନୀୟ ସେବା ପାଇଁ ଦୁଦୁ ନାୟକ, ଗଣପତି ଖଣ୍ଡୁଆଳ ଏବଂ ସଞ୍ଜୟ କୁମାର ଘଡ଼େଇଙ୍କୁ ମଧ ସମ୍ମାନିତ କରାଯାଇଥିଲା । ସମସ୍ତ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କୁ ଅଭିନନ୍ଦନ ଜଣାଇ ଜିଲ୍ଲାପାଳ କହିଥିଲେ ଯେ, ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ ଓ କ୍ଷେତ୍ରସ୍ତରରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ନିଷ୍ଠାପୂର୍ଣ୍ଣ ସେବା ଯୋଗୁଁ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ଼ ହେଉଛି । ସମସ୍ତ ବିଭାଗ ମଧରେ ଉତମ ସମନ୍ୱୟ ଓ ନିୟମିତ ତଦାରଖ ମାଧମରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଜିଲ୍ଲାକୁ ଆହୁରି ଉନ୍ନତ ସ୍ତରକୁ ନେବାପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭବାନୀ ଶଙ୍କର ମିଶ୍ର, ସିଟି ହସ୍ପିଟାଲର ଅଧୀକ୍ଷକ ଡା. ବିଶ୍ୱମ୍ଭର ବେହେରା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ସମସ୍ତ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ପରାମର୍ଶଦାତା, ଉପଖଣ୍ଡ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏବଂ ଜିଲ୍ଲା ଓ ବ୍ଲକ୍ ସ୍ତରର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଅମୃତ ସରୋବର ଯୋଜନାରେ ୮ଲକ୍ଷର ଦୁର୍ନୀତି

ଖଇରା(ନିପ୍ର) : ଖଇରା ବ୍ଲକ ଜଳଦା ପଂଚାୟତ ଅଧୀନରେ ଅମୃତ ସରୋବର ଯୋଜନାରେ ବଡ ଧରଣର ଦୁର୍ନିତି ହୋଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମହାନ୍ତି, ଶରତ ଚନ୍ଦ୍ର ପାଣିଗ୍ରାହୀ ତଥା ବଡକୃଷ୍ଣ ବାରିକଙ୍କ ସମେତ ବାଙ୍କିତିରା ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ମଧ୍ୟ ଆସନ୍ତା ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଅଭିଯୋଗ କରାଯିବାକୁ ସମୁହ ନିଷ୍ପତି ଗ୍ରହଣ କରାଯାଇଛି । ଉକ୍ତ ପଂଚାୟତର ବାଙ୍କିତିରା ଗ୍ରାମ ନିକଟରେ ଥିବା ନାଥପୃଷ୍ଠି ପୋଖରୀ ପାଇଁ ଭିବିଜିରାମଜିରେ ୯ଲକ୍ଷ ଓ ପ□ାୟତ ପାଣ୍ଠିରୁ ଅତିରିକ୍ତ ୨ଲକ୍ଷ ମୋଟ ୧୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ୯ଲକ୍ଷ ମଧ୍ୟରୁ ମଜୁରୀ ବାବଦରେ ୫ଲକ୍ଷ୨୦ହଜାର ଓ ସାମଗ୍ରୀ ବାବଦରେ ୩ଲକ୍ଷ ୮୦ହଜାର ଖର୍ଚ୍ଚ ପାଇଁ ଯୋଜନା ଖସଡା ପ୍ରସ୍ତୁତ କରାଯାଇଥିଲା । ହେଲେ ପୋଖରୀର ୨ପାର୍ଶ୍ୱରେ କେବଳ ୨ଟି ଘାଟ ଓ ହୁଡା ୪ପଟ କୁ କିଛି ଖୋଳି ପାଖପାଖି ୮ଲକ୍ଷ ଉଠାଯାଇ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତାଲିକାରେ ପ୍ରକଳ୍ପ ନାମ ନାଥପୃଷ୍ଠି ପୋଖରୀ ପୁନରୁଦ୍ଧାର ଉଲ୍ଲେଖଥିବା ବେଳେ ଗୋଟେ ଝୁଡି ବି ପଙ୍କଉଦ୍ଧାର ହୋଇ ନାହିଁ । ଏବେ ଲଘୁଚାପ ବର୍ଷାଯୋଗୁଁ ପୋଖରୀରେ ପାଣି ଭର୍ତୀ ହେବା ପରେ ଆଉ କାର୍ଯ୍ୟ ଦେଖିବା ସମ୍ଭବ ନଥିବାରୁ ମନଇଛା ବିଲ ଉଠାଇ ନିଆଯାଇଥିବା ନେଇ ବହୁ ଗ୍ରାମବାସୀ କହିଛନ୍ତି । କେବଳ ସେତିକି ନୁହେଁ ପୋଖରୀ ଯେତିକି ବି ଖୋଳା ଯାଇଛି ସେ ମାଟିକୁ ମଧ୍ୟ ବିକ୍ରୀ କରାଯାଇଥିବା କୁହାଯାଉଛି । ସେପଟେ ସୂଚନା ଫଳକରେ ପ୍ରକଳ୍ପ ମୁଲ୍ୟ ଛାଡିଦେଲେ ଆଉ କୌଣସୀ ତଥ୍ୟ ଦିଆନଯାଇ ଗ୍ରାମବାସୀଙ୍କୁ ଅନ୍ଧାରରେ ରଖାଯାଇଛି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ବିଭୁତି ଭୁଷଣ ନାୟକ ସେ ଫାଇଲ ଦେଖିଲେ ପ୍ରକୃତ ତଥ୍ୟ ଦେଇ ପାରିବେ ବୋଲି କହିଛନ୍ତି । ପଂଚାୟତ ନିର୍ବାହୀ ଅଧିକାରୀ କମଳାକାନ୍ତ ପଣ୍ଡାଙ୍କୁ ପଚାରିବାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାଙ୍କର ମନେନାହିଁ ବୋଲି କହିଛନ୍ତି । ବିଡିଓ ନାରାୟଣ ସାହୁଙ୍କ ପ୍ରତିକ୍ରିୟା ନେବାରେ ସେ କୌଣସୀ ଅଧିକାରୀଙ୍କୁ ପଠାଇ ଏହାର ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି ।

# ସମୁଦ୍ର କୂଳରୁ ବେଆଇନ ବାଲି ଚୋରାଚାଲାଣ

ଲଙ୍ଗଳେଶ୍ୱର(ନିପ୍ର) : ବାଲିଆପାଳ ଅଂଚଳରେ ସୁବର୍ଣ୍ଣ ରେଖା ନଦୀ ବାଲି ନିୟମିତ ଚୋରା ଚାଲାଣ ହେଉଥିବା ବେଳେ ଏବେ ସମୁଦ୍ର ବାଲି ଚୋରାଚାଲାଣକୁ ନେଇ ବଢୁଛି ଚର୍ଚ୍ଚା । ଅଭିଯୋଗ ହେଉଛି, ବାଲିଆପାଳ ବ୍ଲକ ବଗୋପ ସାଗର ଅଂଚଳ ସମୁଦ୍ର କୂଳରୁ ପ୍ରତିଦିନ ଟ୍ରାକ୍ଟର ଯୋଗେ ଖୁଲମଖୁଲା ଚାଲିଛି ବେଆଇନ ବାଲି ପରିବହନ । ମାନ୍ଧାତା ବଜାର ମୁଖ୍ୟ ରାସ୍ତା ଏବଂ ଡଗରା, କଷାଫଳ, କାଳିପଦା, କାଉମାରୀ ସମେତ ବିଭିନ୍ନ ଅଂଚଳ ଦେଇ ଦୈନିକ ଯାତାୟାତ କରୁଛି ବାଲି ବୋଝେଇ ଟ୍ରାକ୍ଟର । ସ୍ଥାନୀୟ ଲୋକଙ୍କ ପ୍ରଶ୍ନ ଦିନ ଦ୍ୱିପ୍ରହରରେ ଏତେ ବଡ଼ ଧରଣର କାରବାର ଚାଲୁଥିବା ବେଳେ ପ୍ରଶାସନ ନୀରବ କାହିଁକି ? କାହାର ଛତ୍ରଛାୟାତଳେ ଚାଲିଛି ଏହି ବାଲି ମାଫିଆଙ୍କ ରାଜ ଖଣି ବିଭାଗ, ରାଜସ୍ୱ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନର ଭୂମିକାକୁ ନେଇ ମଧ ଉଠୁଛି ପ୍ରଶ୍ନ । ପରିବେଶବିତଙ୍କ ମତରେ ସମୁଦ୍ର କୂଳରୁ ଅନିୟନ୍ତ୍ରିତ ବାଲି ଉତୋଳନ ଭବିଷ୍ୟତରେ ସମୁଦ୍ର ତଟ କ୍ଷୟ ଓ ପରିବେଶ ସନ୍ତୁଳନ ନଷ୍ଟ କରିପାରେ ବୋଲି କୁହାଯାଉଛି । ତଥାପି ଯଦି ଏହି କାରବାର ବନ୍ଦ ନ ହୁଏ ଆଗାମୀ ଦିନରେ ସ୍ଥିତି ଆହୁରି ସଙ୍କଟପୂର୍ଣ୍ଣ ହୋଇପାରେ । ସ୍ଥାନୀୟ ଅଂଚଳର ଚାରୁ ଚନ୍ଦ୍ର ଦେ, ଗଗନ ବିହାରୀ ବାରିକ, ସୁଧାକୃଷ୍ଣ ଦାସ, ହେମନ୍ତ କୁମାର ପାତ୍ର, ମୃତ୍ୟୁଞ୍ଜୟ ପ୍ରସାଦ ନାୟକ, କ୍ଷମା ସାଗର ଦାସ, ପରମାନନ୍ଦ ବେହେରା, ପ୍ରସନ୍ନ କୁମାର ମୁଦୁଲି, ଗୁଣାକର ସେଠୀ, ଲକ୍ଷ୍ମଣ କୁମାର ଟୁଡୁ ପ୍ରମୁଖ ତୁରନ୍ତ ଘଟଣାର ତଦନ୍ତ କରାଯାଇ ବେଆଇନ ବାଲି ଚୋରାଚାଲାଣରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି ।ତେବେ ବାଲିଆପାଳ ତହସିଲଦାର ତଦନ୍ତ କରି ଦେଖିବେ ବୋଲି ପ୍ରକାଶ କରିଛନ୍ତି ।

# ଜିଲ୍ଲା ପେସା ଗ୍ରାମସଭା କୋ-ଅର୍ଡିନେସନ କମିଟିର ବୈଠକ ପୁନର୍ଗଠନ



ଖୁଂଟା(ନିପ୍ର) : ବୁଧବାର ଦିନ ୧୨ଘଟିକା ସମୟରେ ଜିଲ୍ଲା ପେସା ଗ୍ରାମ ସଭା କୋ ଅର୍ଡିନେସନ କମିଟି ମୟୁରଭଞ୍ଜ ର ସମ୍ପାଦକ ନନାରାମ ମୁର୍ମୁ ଙ୍କ ଅଧକ୍ଷତାରେ ଖୁଂଟା ବ୍ଲକ ଅନ୍ତର୍ଗତ ଅଙ୍ଗାରକୁଣ୍ଡିଆ ସ୍ଥିତ ଜିଲ୍ଲା କାର୍ଯ୍ୟାୟଳରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ ସଭ୍ୟ ସଭ୍ୟା ମାନଙ୍କ ଉପସ୍ଥିତିରେ ବିଧିନିୟମ ପ୍ରସ୍ତୁତି, କମିଟି ର କାର୍ଯ୍ୟକାରୀ, ପୁନର୍ଗଠନ ଓ ଚୟନ ସମ୍ପର୍କରେ ଆବାହକ ତଥା ଜିଲ୍ଲା ସଂପାଦକ ନନାରାମ ମୁର୍ମୁ ଅଭିଭାଷଣ ରଖିଥିଲେ । ପେସା ଗ୍ରାମ ସଭା କୁ ଅଧିକ ସୁଦୃଢ କରିବା ଓ ପେସା ଆଇନ ୧୯୯୬କୁ ପଂଚମ ଅନୁସୂଚି ଅଂଚଳ ରେ ଓଡିଶା ସରକାର ଯଥାଶୀଘ୍ର କାର୍ଯ୍ୟକାରୀ କରାଇବା ଉପରେ ଆଲୋଚନା କରିଥିଲେ । ଏହି କମିଟି ଦୀର୍ଘ ବର୍ଷ ଧରି ବଳିଷ୍ଠ ସଂଗଠନ ହିସାବରେ ଚାଲିଆସୁଥିବା ବେଳେ ଏବେ ସଭାପତି ଶ୍ରୀ ପାଣ୍ଡୁରାମ ହେମ୍ବ୍ରମ କମିଟି ର କୌଣସି ନିୟମ ମୁତାବକ ପରିଚାଳିତ ନ କରିବା, ମନମୁଖୀ କମିଟି କାର୍ଯ୍ୟ କରିବା, କମିଟି ର ସହଯୋଗ ଚାନ୍ଦା ଆଦାୟ ହେଉ କି କମିଟି ପରିଚାଳନା ବାବଦ କୁ ଆଦାୟ ଟଙ୍କା ସଭାପତି ଏକ ଚାଟିଆ କାରବାର କରି କମିଟିକୁ କୌଣସି ହିସାବ କିତାବ ନ ଦେବା ଭଳି ବିଭିନ୍ନ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ବିଷୟରେ ସଭ୍ୟ ସଭ୍ୟା ମାନେ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇ କମିଟିରେ ପାଣ୍ଡୁରାମ ହେମ୍ବ୍ରମଙ୍କୁ ସଭାପତି ପଦବୀରୁ ବହିଷ୍କୃତ କରାଗଲା ଏବଂ ଜିଲ୍ଲା କମିଟି କୁ ପୁନର୍ଗଠନ କରାଯାଇ ଏହାର କାର୍ଯ୍ୟକାରୀ ସଦସ୍ୟ ମାନଙ୍କୁ ଚୟନ କରାଗଲା, ଆଶାକ କୁମାର ସିଂ ସଭାପତି, ସଞ୍ଜୟ କିସ୍କୁ ଉପସଭାପତି, ନନାରାମ ମୁର୍ମୁ ସାଧାରଣ ସମ୍ପାଦକ, ସୁନାରାମ ଟୁଡୁ ସହସମ୍ପାଦକ, ପାଂଚୁ ଟୁଡୁ କୋଷା ଧକ୍ଷ, ଜୟରାମ ମାର୍ଣ୍ଡି ସହ କଷାଧକ୍ଷ ଭାବରେ ଓ ଉପଦେଷ୍ଟା ଭାବେ ମଙ୍ଗଲ ଚପେୟାର, ଫାଦୁ ମୁର୍ମୁ, ବିଜୟ ହେମ୍ବ୍ରମ ଏବଂ ଗଣେଶ ମାଝୀ ଓ ରବି ରଞ୍ଜନ ମାର୍ଣ୍ଡିଙ୍କୁ ସଂଯୋଜକ ଭାବରେ ମନୋନୀତ ହୋଇଥିଲେ ଓ କମିଟିର ସମସ୍ତ ସଦଶ୍ୟ ମାନେ ଏହି ସଂଗଠନ କୁ ବଳିଷ୍ଠ ରୂପରେ ଆଗେଇ ନେବା ପାଇଁ ପଦକ୍ଷେପ ନେବେ ବୋଲି ଶପଥ ଗ୍ରହଣ କଲେ । ଆଗାମୀ ଦିନରେ ମୟୁରଭଞ୍ଜ ଜିଲ୍ଲା ର ମା ମାଟି ଜଳ ଜଙ୍ଗଲ ଜମିକୁ ସୁରକ୍ଷା, ପେସା ଆଇନକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଇବା ଉପରେ ପଦକ୍ଷେପ ଗ୍ରହଣ ଏବଂ ଅଧିକରୁ ଅଧିକ ସଚେତନ କରାଇବା, ସାମ୍ବିଧାନିକ ବ୍ୟବସ୍ଥା ଓ ଅଧିକାର ହକ ପାଇବା ଭଳି ମୟୁରଭଞ୍ଜ ବାସୀ ଆଦିବାସୀ ମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ନବ ନିର୍ବାଚିତ ସଭାପତି ଅଶୋକ କୁମାର ସିଂ ପ୍ରକାଶ କରିଛନ୍ତି ଶେଷରେ ସହ ସଂପାଦକ ସୁନାରାମ ଟୁଡୁ ଧନ୍ୟବାଦ ଦେଇ ବୈଠକ ସଭା ସାଙ୍ଗ କରାଯାଇଥିଲା ।

No. 7001/76/2627
Annexure-II

Office of District Manager
Odisha State Civil Supplies Corporation Ltd. (OSCSC)
Bhadrak (District)
Phone: 06784 251424
District Website : cso.bdk@gmail.com/cso-bha@nic.in

Tender No. 3653,3654,3655,3656,3657,3658,3659,3660,3661,3662 & 3663,
Dt. 21.07.2026.



Online tenders are invited from eligible bidders for selection and appointment of unit wiseTransport Contractors for transportation of (I) Paddy from Paddy Purchase Centres (PPCs) / Mandis to Rice Mill points (within or outside district) (II) Custom Milled Rice (CMR) from Rice Mill points to Rice Receiving Centres (RRCs) / Depots (within or outside districts)



| | | |
|---|---|---|
| 1 | Name of the work | selection and appointment of unit wise Transport Contractors for transportation of (I) Paddy from Paddy Purchase Centres (PPCs) / Mandis to Rice Mill points (within or outside district) (II) Custom Milled Rice (CMR) from Rice Mill points to Rice Receiving Centres (RRCs) / Depots (within or outside districts) |
| 2 | Availability of bid document in the portal | From 24.07.2026 |
| 3 | Last Date / Time for receipt of bids in the portal | Dt 17.08.2026 by 5.30 P.M |
| 4 | Date/Time of Opening of Technical Bid | Dt 18.08.26 at 11.00 A.M |
| 5 | Name and address of the Officer Inviting Tender | District Manager, OSCSC Ltd, Bhadrak. (District) |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager
OSCSC Ltd. Bhadrak

OIPR. 7001/7055/1/26-27/0002








ଅନ୍ୟଠାରେ ଦେଖିଲା ପୂର୍ବରୁ ନିଜ ଠାରେ ସେହି ଦୋଷ ଅଛିକି ନାହିଁ ପ୍ରଥମେ ଦେଖିନିଅ ।

# ଆଜିକାଲି



ତତଃ ଶଙ୍ଖାଶ୍ଚ ଭେର୍ଯ୍ୟଶ୍ଚ ପଣବାନକଗୋମୁଖାଃ ।
ସହସୈବାଭ୍ୟହନ୍ୟନ୍ତ ସ ଶବ୍ଦସ୍ତୁମୁଳୋଽଭବତ୍ ॥

(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ତା'ପରେ ପରେ କୌରବ ପକ୍ଷରେ ବହୁ ଶଙ୍ଖ, ଭେରୀ, ନାଗରା, ମର୍ଦ୍ଦଳ ଓ ରଣଶିଙ୍ଗା ଆଦି ବାଦ୍ୟ ଏକ ସଂଗେ ବାଜି-ଉଠିଲା । ସେ ସବୁର ଶବ୍ଦ ଅତି ଭୟଙ୍କର ହୋଇଥିଲା ।



## ଡେଙ୍ଗୁ ଟୀକା କ୍ୟୁଡ଼ିଇଏନ୍‌ଜିଏକୁ ଅନୁମୋଦନ

ରାଜ୍ୟ ତମାମ୍ ବର୍ଷା ଲାଗିରହିଥିବା ବେଳେ ବର୍ତମାନ ମୁଣ୍ଡଟେକିଛି ଡେଙ୍ଗୁ ଯାହାକି ଚିନ୍ତାର ବିଷୟ । ଚଳିତବର୍ଷ ରାଜ୍ୟରେ ୨୬୦ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛି । ଏହା ଯେପରି ଆଗକୁ ନବଢ଼େ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି । ଏଥିପାଇଁ ସଚେତନାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ବର୍ଷାଦିନେ ନାଳନର୍ଦ୍ଦମା ପୋଖରୀ ଓ ନଦୀ ନାଳରେ ଭରପୁର ପାଣି ଓ ଆବର୍ଜନା ଯୋଗୁଁ ମଶାର ବଂଶବୃଦ୍ଧି ଘଟିଥାଏ । ଏହାରି ପାଇଁ ରୋଗର ପ୍ରାର୍ଦୁଭାବର ଭୟାବହତା ବୃଦ୍ଧି ଘଟିଥିବା ବେଳେ ଡେଙ୍ଗୁରୋଗୀ ସଂଖ୍ୟା ବଢୁଛି । ବିଶେଷ କରି ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବରରେ ରାଜ୍ୟ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଘଟିଥାଏ । ତେଣୁ ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ସଂପର୍କିତ ପଦକ୍ଷେପ ଗ୍ରହଣ କରାଯାଇଥାଏ । "ସୁସ୍ଥ ଓଡ଼ିଶା ସୁରକ୍ଷିତ ଓଡ଼ିଶା" ଲକ୍ଷ ନେଇ ରାଜ୍ୟ ସରକାର କାର୍ଯ୍ୟ କରରୁଥିବା ବେଳେ ବର୍ତମାତ ରାଜ୍ୟର ସମସ୍ତ ଚିକିତ୍ସାଳୟରେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ଯେପରି ନ ବଢ଼େ ସେଥିପ୍ରତି ନିର୍ଦ୍ଦେଶ ଦିଆଯାଇଛି । ଡେଙ୍ଗୁ ପାଇଁ ସ୍ୱତନ୍ତ୍ର ୱାର୍ଡ଼ ସଂରକ୍ଷିତ ରହିଥିବା ବେଳେ ମାଗଣା ପରୀକ୍ଷା ଏବଂ ଚିକିତ୍ସା କରାଯାଉଛି । ରୋଗ ପ୍ରତିରୋଗକୁ ବିଭାଗ ପକ୍ଷରୁ ପ୍ରାଥମିକତା ଦିଆଯାଉଛି । ତେବେ ପ୍ରତିବର୍ଷ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ଏହି ରୋଗକୁ ନିପାତ କରିବା ପାଇଁ ରୋଗପ୍ରତିରୋଧକ ଶକ୍ତିପାଇଁ ବୈଜ୍ଞାନିକଙ୍କ ଦ୍ୱାରା ଏଥିପାଇଁ ଟୀକା ବାହାର କରାଯାଇଛି । ପ୍ରତିବର୍ଷ ବର୍ଷାଋତୁରେ ଡେଙ୍ଗୁ ଯୋଗୁଁ ଦେଶର ଅନେକ ଅଂଚଳରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥାଏ । ଏଏହି ମହାମାରୀକୁ ରୋକିବା ପାଇଁ କେନ୍ଦ୍ର ସରକାର ଏକ ଟୀକାକୁ ଅନୁମୋଦନ କରିଛନ୍ତି । ଔଷଧ ନିୟାମକ ସଂସ୍ଥା, କେନ୍ଦ୍ରୀୟ ଔଷଧମାନକ ନିୟନ୍ତ୍ରଣ ସଂଗଠନ କ୍ୟୁଡ଼ିଇଏନ୍‌ଜିଏକୁ ଅନୁମୋଦନ କରିଛି । ଏହି ଟୀକା ଟେଟ୍ରାଭାଲେଂଟ ଲାଇଭ୍ ଆଟେନୋଏଟେଡ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଥାଏ । ଯାହାର ଅର୍ଥ ହେଉଛି ଡେଙ୍ଗୁ ଭାଇରସର ସସମସ୍ତ ଚାରୋଟି ସେରୋଟାଇପ୍ ବିରୋଧରେ ସୁରକ୍ଷା ପ୍ରଦାନ କରିପାରିବ । ୪ ବର୍ଷରୁ ୬୦ ବର୍ଷ ପର୍ଯ୍ୟନ୍ତ ପିଲା ଓ ବୟସ୍କ ଏହି ଟୀକା ନେଇପାରିବେ । ଏହି ଟୀକା ବ୍ୟବହାର ହୋଇପାରିବା ପରେ ଡେଙ୍ଗୁରେରାଗୀଙ୍କ ସଂଖ୍ୟା ନିହାତି ଭାବେ କମିପାରିବ ଏଥିରେ ସନ୍ଦେହ ନାହିଁ ।

## ବିପ୍ଳବୀ ସାହିତ୍ୟର ସାମାଜିକ ଉପାଦେୟତା

◆ ଅଧ୍ୟାପକ ଗୋପବନ୍ଧୁ

ବିଶ୍ୱ ସାମାଜିକ ସଂଗ୍ରାମର ଇତିହାସରେ ଯେ କୌଣସି ବିପ୍ଳବର ସଫଳତା ପଛରେ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି ସାହିତ୍ୟ । ଇଉରୋପରେ ଅନୁଷ୍ଠିତ ରେନାଁସା ଠାରୁ ଆରମ୍ଭ କରି ଫରାସି ବିପ୍ଳବ ପର୍ଯ୍ୟନ୍ତ, ଯୁକ୍ତରାଷ୍ଟ୍ର ଆମେରିକାର ଦାସତ୍ୱ ପ୍ରଥା ବିରୋଧୀ ଆନ୍ଦୋଳନ ଠାରୁ ଆରମ୍ଭ କରି ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟବାଦ ବିରୋଧି ଆନ୍ଦୋଳନ ପର୍ଯ୍ଯନ୍ତ, ବୋଲଶେଭିକ୍ ଆନ୍ଦୋଳନ ଠାରୁ ଆରମ୍ଭ କରି ଚିନର କୃଷକ ଆନ୍ଦୋଳନ ପର୍ଯ୍ୟନ୍ତ, ସମସ୍ତ କ୍ଷେତ୍ରରେ ସାହିତ୍ୟର ଭୂମିକା ସର୍ବାପେକ୍ଷା ଅଧିକ । କାରଣ ସାହିତ୍ୟ ହିଁ ବିପ୍ଳବର ବାର୍ତାକୁ ପୂରପଲ୍ଲୀରେ ପହଂଚାଇବାକୁ ସବୁଠାରୁ ସହଜ ଓ ପ୍ରଭାବଶାଳୀ ମାଧ୍ୟମ । ଏହାହିଁ ସୃଷ୍ଟିକରେ କୌଣସି ବିପ୍ଳବର ସାମାଜିକ ପୃଷ୍ଠଭୂମି । ବର୍ତମାନର ପରିପ୍ରେକ୍ଷୀରେ ସମାଜିକ ଗଣମାଧ୍ୟମର ବହୁଳ ପ୍ରସାର ସାହିତ୍ୟର ଗତିକୁ ଆହୁରି ତୀବ୍ରତର କରିଛି । ପୁସ୍ତକ ରୂପରେ ମୁଦ୍ରଣ ସଙ୍କୁଚିତ ହୋଇଥିଲେ ବି ଗଣମାଧ୍ୟମ ଏହାର ଅଭାବକୁ ଅନେକ ମାତ୍ରାରେ ପୂରଣ କରୁଛି । ଭାରତବର୍ଷରେ ଏକ ସଫଳ ସାମାଜିକ ବିପ୍ଳବ ଜରିଆରେ ଜାତିବାଦ ଓ ଧାର୍ମିକ ମୌଳବାଦର ଧ୍ୱଂସସାଧନ କରି ସମାନତା ଓ ଯୁକ୍ତିଯୁକ୍ତତା ଉପରେ ପ୍ରତିଷ୍ଠିତ ଏକ ନୂତନ ସମାଜର ସଂସ୍ଥାପନ ପାଇଁ ପ୍ରଗତିଶୀଳ ଓ ସଂସ୍କାରବାଦୀ ସାହିତ୍ୟ ସୃଷ୍ଟିର ଆବଶ୍ୟକତା ରହିଛି । ଯେଉଁ ସାହିତ୍ୟ ଜାତିବାଦର ମୂଳତତ୍ୱ ଉଚ୍ଚନୀଚ ଭେଦଭାବ, ଘୃଣା ଦ୍ୱେଷଭାବ, ପାତରଅନ୍ତରଭାବ ବିରୁଦ୍ଧରେ ଜନଜାଗରଣ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ହୋଇଥିବ । ଏହା ସହିତ ନିର୍ଭୀକଭାବେ ଧାର୍ମିକ ପାଖଣ୍ଡବାଦର ମୁଖା ଖୋଲି ପାରୁଥିବ । ଯେଉଁ ସାହିତ୍ୟ ଜନସାଧାରଣଙ୍କୁ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତି ହେବାପାଇଁ ବୌଦ୍ଧିକ ଖୋରାକ ଯୋଗାଉ ଥିବ । ମାନସିକ ଦାସତ୍ୱରୁ ମୁକୁଳିବାର ମାର୍ଗ ଦର୍ଶନ କରୁଥିବ । ବୈଜ୍ଞାନିକ ଚେତନାର ବିକାଶ ସହିତ ମାନବିକତା ଓ ନୈତିକତା ଉପରେ ପ୍ରତିଷ୍ଠିତ ଏକ ନୂତନ ଉତ୍କର୍ଷ ସମାଜର ସମ୍ଭାବନାକୁ ଅଙ୍କୁରିତ କରୁଥିବ । ଦୁଃଖର କଥା ଭାରତବର୍ଷ ତଥା ଓଡିଶାରେ ଏପରି ପ୍ରଗତିଶୀଳ ଓ ବିପ୍ଳବୀ ସାହିତ୍ୟର ପ୍ରସାର ଆଶାନୁରୂପେ ହୋଇପାରି ନାହିଁ । ବିଭିନ୍ନ ସମୟରେ ବିଭିନ୍ନ କ୍ଷେତ୍ରରେ କାଁଭାଁ ଭାବେ ବିକ୍ଷିପ୍ତ ବିପ୍ଳବୀ ସାହିତ୍ୟ ସୃଷ୍ଟି ହୋଇଛି






ସତ୍ୟ, କିନ୍ତୁ ଏଗୁଡ଼ିକ ସୁଦୂର ପ୍ରସାରୀ ପ୍ରଭାବ ପକାଇ ପାରି ନାହିଁ । ଏହା ପୂର୍ବ ସାମାଜିକ ଓ ଏହାକୁ ନେଇ ଗଢି ଉଠିଥିବା ବୌଦ୍ଧିକ ଭିତିଭୂମିକୁ ଦୋହଲାଇ ପାରିନାହିଁ । ଫଳରେ ଏପରି ସାହିତ୍ୟ ଗୋଟିଏ ସଫଳ ଗଣବିପ୍ଳବ ତିଆରି କରିବାରେ ସଫଳ ହୋଇପାରି ନାହିଁ । ବିପ୍ଳବୀ ସାହିତ୍ୟ ସୃଷ୍ଟିର ଯେଉଁ ଟିକକ ବି ପ୍ରୟାସ ହୋଇଛି ତାହା ଜାତିବାଦୀ ଓ ପାଖଣ୍ଡବାଦୀ ସାହିତ୍ୟର ଦୃଢ଼ ବେଷ୍ଟନୀ ମଧ୍ୟରେ ହଜିଯାଇଛି । ତେଣୁ ଏହା ଅଦ୍ୟାବଧି ସାମାଜିକ ବିପ୍ଳବର ଭିତିଭୂମି ତିଆରି କରିବାକୁ ସକ୍ଷମ ହୋଇପାରି ନାହିଁ । ଏଯାଏଁ ଯେତେ ସାହିତ୍ୟ ସୃଜନ ହୋଇଛି, ତା ମଧ୍ୟରୁ ସଂଖ୍ୟାଧିକ ଜାତିଗତ ଓ ଏହାକୁ ସମର୍ଥନ କରୁଥିବା ସାଂସ୍କୃତିକ ଚେତନାକୁ ବଳ ଦେଇଆସିଛି । ଜାତିଗତ ଅସମାନତା ଓ ବିଭେଦକୁ ଯଥାର୍ଥ ବୋଲି ସ୍ଥାପନ କରିବାର ପ୍ରୟାସ କରିଛି । ପ୍ରସାରିତ ହେଉଥିବା ଗଣମାଧ୍ୟମ ଓ ପତ୍ରପତ୍ରିକା ଗୁଡିକ ମଧ୍ୟ ଏଥିରୁ ବାଦ ନୁହଁନ୍ତି । ଅତୀତରେ ବହୁ ମହାମନିଷୀ ସଂସ୍କାରବାଦୀ ଓ ପ୍ରଗତିଶୀଳ ସାହିତ୍ୟ ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି । କିନ୍ତୁ ଏମାନେ ଜାତିବାଦ ଓ ପାଖଣ୍ଡବାଦର କବଚକୁ ଛିଦ୍ର କରିପାରି ନାହାଁନ୍ତି । ଏହାର କାରଣ ହେଉଛି ଏବେବି ସାହିତ୍ୟିକମାନେ ଜାତିବାଦୀ ଓ ମୌଳବାଦୀ ବିଚାରଧାରାରୁ ମୁକୁଳି ପାରି ନାହାଁନ୍ତି । ତେଣୁ ସ୍ଥାଣୁ ସାହିତ୍ୟ ପ୍ରଧାନ୍ୟ ବିସ୍ତାର କରି ରହିଛି । ବ୍ୟବସ୍ଥାର ପରିବର୍ତନ ପାଇଁ ଲେଖନୀ ଚାଳନା ହେଉନାହିଁ । ବିଭେଦଭରା ସମାଜର ସ୍ଥିତାବସ୍ଥାକୁ ବଜାଇ ରଖିବାକୁ ସାହିତ୍ୟିକଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି । ସଂଖ୍ୟାଧିକ ଲେଖନୀ ପୋଥିପୁରାଣର ପ୍ରାଚୀନ ବିଚାରକୁ ପରିବ୍ୟାପ୍ତ କରିବା ପାଇଁ ଉଦ୍ଦିଷ୍ଟ । ଏଥିରେ ନୂତନତାର ଛାପ ନଥାଏ । ସାହିତ୍ୟିକମାନେ ବିଭିନ୍ନ ଧର୍ମଗ୍ରନ୍ଥରେ ଯାହା ବର୍ଣ୍ଣନା କରାଯାଇଛି ତାକୁ ହିଁ ଫେଣେଇବାରେ ବ୍ୟସ୍ତ । ସମାଜରେ ପ୍ରଗତିଶୀଳ ଚେତନା ଆଣିବା ଦିଗରେ ଏମାନେ ଅକ୍ଷମ । ତଥାପି ଏମାନେ ସାହିତ୍ୟିକ । କାହିଁ କେତେ ପୁରସ୍କାର ଓ ସମ୍ମାନ ଏମାନଙ୍କ ଉପରେ ଅଜାଡା ଯାଏ । ଯେହେତୁ ଏମାନେ ସାହିତ୍ୟ ମାଧ୍ୟମରେ ପ୍ରଗତିଶୀଳ ଚେତନାର ପ୍ରସାରକୁ ପ୍ରତିରୋଧ କରନ୍ତି । ସାମାଜିକ ବିପ୍ଳବକୁ ଅଟକାନ୍ତି ଓ ସ୍ଥିତାବସ୍ଥାକୁ ବଜାଇ ରଖିବାରେ ସହାୟକ ହୁଅନ୍ତି । ସମାଜର ବ୍ୟବସ୍ଥାଗତ ତ୍ରୁଟି ଜଣେ ସାହିତ୍ୟିକ ଯଦି ଦେଖିପାରିବ ନାହିଁ, ତେବେ ଆଉ କାହା ପାଖରୁ ଏହା ଆଶା କରାଯାଇ ପାରେ । ସାହିତ୍ୟକୁ ସମାଜର ଦର୍ପଣ ବୋଲି କୁହଯାଏ । ଏହା କେବଳ ସମସାମୟିକ ସାମାଜିକ ସ୍ଥିତିକୁ ଉଦ୍ଭାସିତ କରେ ତାହା ନୁହେଁ, ଏହା ସହିତ ଯେଉଁ ଅଭାବ ଅସୁବିଧା ରହିଛି ତାହାର ମଧ୍ୟ ସମାଧାନର ମାର୍ଗ ଦର୍ଶନ କରେ । ଜଣେ ସାହିତ୍ୟିକର ଗଭୀର ଚିନ୍ତନ ଏପରି ଦିଗଦର୍ଶନ ଦେବାରେ ସହାୟକ ହୁଏ । ଗୋଟିଏ ସମ୍ବେଦନଶୀଳ ହୃଦୟ ଭିତରୁ ଏପରି ସାହିତ୍ୟ ନିସୃତ ହେବା ସ୍ୱାଭାବିକ । ସାହିତ୍ୟ ହେଉଛି ମୁକ୍ତ ଚିନ୍ତନର ପରିପ୍ରକାଶ । ଯେତେବେଳେ ଗୋଟିଏ ଭ୍ରାନ୍ତ ବ୍ୟବସ୍ଥାର ସପକ୍ଷରେ ସାହିତ୍ୟ ସୃଷ୍ଟି କରାଯାଏ, ତାହା ଆଉ ମୁକ୍ତ ଚିନ୍ତନର ପରିଭାଷା ହୁଏ ନାହିଁ । ତାହା ଭ୍ରଷ୍ଟ ବ୍ୟବସ୍ଥା ସହିତ ବୁଝାମଣା ବୋଲି ଧରିବାକୁ ହେବ । ବର୍ତମାନର ପରିପ୍ରେକ୍ଷୀରେ ପୂର୍ବବ୍ୟବସ୍ଥା ସହିତ ବୁଝାମଣା ଭିତିରେ ସାହିତ୍ୟର ସୃଜନ ହେଉଛି । ଜଣେ ସାହିତ୍ୟିକର ସଫଳତା ସେ କେତେ ପୁରସ୍କାର ପାଇଛି ଓ କେତେ ସମ୍ମାନିତ ହୋଇଛି ତା ଉପରେ ନିର୍ଭର କରେ ନାହିଁ । ତାହାର ସଫଳତା ସେ କେତେ ଲୋକଙ୍କ ହୃଦୟକୁ ଛୁଇଁ ପାରିଛି ଓ ଲୋକଙ୍କ ହୃଦୟରେ କେତେ ସମ୍ବେଦନଶୀଳତାକୁ ଜାଗ୍ରତ କରିପାରିଛି । ସେମାନେ ହେଉଛନ୍ତି ସଫଳ ସାହିତ୍ୟ ସ୍ରଷ୍ଟା ଯେଉଁମାନେ ନିଜର କଲମ ମୁନରେ ବିପ୍ଳବ ସୃଷ୍ଟି କରି ପାରିଛନ୍ତି । ଏଠାରେ ହ୍ୟାରିଏଟ୍ ଷ୍ଟୋଙ୍କ 'ଅଙ୍କଲ ଟମସ୍ କ୍ୟାବିନ' ବହିଟି ଉଲ୍ଲେଖ ଯୋଗ୍ୟ । ଯାହା ଯୁକ୍ତରାଷ୍ଟ୍ର ଆମେରିକାରେ ଦାସତ୍ୱ ପ୍ରଥାର ଉଚ୍ଛେଦ ବିରୁଦ୍ଧରେ ହୋଇଥିବା ଆନ୍ଦୋଳନକୁ ମଜଭୁତ କରିବାରେ ସହାୟକ ହୋଇଥିଲା । ଏହାର ଓଡ଼ିଆ ଅନୁବାଦ ହୋଇଛି 'ଟମ୍ କକାଙ୍କ କୁଟୀର' । ଇୟୁରୋପରେ ରୁଷୋ, ଭୋଲଟିୟର, ମଂଟେସ୍କୁ ପରି ଦାର୍ଶନିକମାନଙ୍କ ବିପ୍ଳବୀ ଲେଖନୀ ଇଉରୋପର ନବଜାଗରଣ ଆନ୍ଦୋଳନକୁ ମଜଭୁତ କରିଥିଲା । ମ୍ୟାକ୍ସିମ୍ ଗୋର୍କିଙ୍କ କାଳଜୟୀ ଲେଖନୀ 'ମଦର' ସେ ସମୟରେ ରୁଷିଆରେ ଚାଲିଥିବା ସାମ୍ୟବାଦୀ ଆନ୍ଦୋଳନକୁ ଖୋରାକ୍ ଯୋଗାଇଥିଲା । ଏହାର ଓଡ଼ିଆ ଅନୁବାଦ ହୋଇଛି 'ମାଁ' । ସେହିପରି ସୁପ୍ରସିଦ୍ଧ ବେଙ୍ଗଲୀ ଲେଖିକା ତସଲିମା ନସରୀନଙ୍କ ବହୁ ଚର୍ଚ୍ଚିତ ବେଙ୍ଗଲୀ ପୁସ୍ତକ 'ଲଜ୍ଜା' ବିପ୍ଳବୀ ସାହିତ୍ୟର ଅନ୍ୟ ଏକ ଦୃଷ୍ଟାନ୍ତ । ଏହାର ମଧ୍ୟ ଓଡ଼ିଆ ଅନୁବାଦ ରହିଛି । ଏହିପରି ଅନେକ ଲେଖକ ଓ ଲେଖିକାଙ୍କ ପ୍ରଗତିଶୀଳ ସୃଷ୍ଟି ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି ଏବଂ ବୈପ୍ଳବିକ ପ୍ରେରଣାକୁ ବଂଚାଇ ରଖିଛି । ଭାରତବର୍ଷରେ ମଧ୍ୟ ଏପରି କିଛି କାଳଜୟୀ ସାହିତ୍ୟ ସୃଷ୍ଟି ହୋଇଛି । ଯାହାର ଲୋକପ୍ରିୟତା ଜାତିବାଦୀ ଲେଖନୀ ଓ ଜାତିବାଦୀ ଲେଖକଙ୍କ ମନ୍ଦ ଦୃଷ୍ଟିତଳେ ଚାପି ହୋଇ ଯାଇଛି । ଏବେ କାଳକ୍ରମେ ଏଗୁଡିକର ମହତ୍ୱ ପ୍ରସ୍ଫୁଟିତ ହେଉଥିବା ପରି ଅନୁଭୂତ ହେଉଛି । ଏଗୁଡିକ ମଧ୍ୟରୁ ମହାତ୍ମା ଫୁଲେଙ୍କ ପୁସ୍ତକ 'ଗୋଲାମଗିରୀ' ଅନ୍ୟତମ । ଯେଉଁଥିରେ ସେ ଜାତିବ୍ୟବସ୍ଥାର ଅନୈତିକତା ଓ ସମାଜର ତଳ ସ୍ତରର ଲୋକ ମାନେ କିପରି ଦାସତ୍ୱର ଜୀବନ ଯାପନ କରନ୍ତି ତାହାର ନିଖୁଣ ଚିତ୍ର ଉପସ୍ଥାପନ କରିଛନ୍ତି । ରାମସ୍ୱାମୀ ପେରିୟାରଙ୍କ 'ସତ୍ୟ ରାମାୟଣ' ଏବଂ 'ଜାତିସତା ଓ ପିତୃପୁରୁଷ' ପରି ତାମିଲ ପୁସ୍ତକ ଜାତିବାଦ ଓ ଧାର୍ମିକ ପାଖଣ୍ଡାବାଦକୁ ଶକ୍ତ ପ୍ରହାର କରେ । ସେହିପରି ଡ ଆମ୍ବେଦକରଙ୍କ ରଚିତ 'ଏନିହିଲେଶନ୍ ଅଫ କାଷ୍ଟ' ବା ଜାତିପ୍ରଥାର ବିଲୋପ ବହିଟି ସାମାଜିକ ସଂସ୍କାରର ପ୍ରଭାବଶାଳୀ ସୃଷ୍ଟି । ଯାହା ଜାତିପ୍ରଥା ବିଲୋପର ଯୋଜନାବଦ୍ଧ ମାର୍ଗଦର୍ଶନ କରେ । ସେହିପରି ଓଡିଶାରେ ସନ୍ଥକବି ଭୀମଭୋଇଙ୍କ କବିତାଗୁଡିକ ପ୍ରାୟତଃ ପ୍ରଚଳିତ ବ୍ୟବସ୍ଥାର କଟୁ ସମାଲୋଚନା ଏବଂ ନୂତନ ଉତ୍କୃଷ୍ଟତାର ବାର୍ତାବହ । ହେଲେ ତାଙ୍କ ଲେଖନୀ ଯଥା ସମ୍ମାନ ପ୍ରାପ୍ତ ହୋଇ ନାହିଁ । ସେହିପରି ବ୍ୟାସକବି ଫକିରମୋହନ ସେନାପତିଙ୍କ ଅଧିକାଂଶ ଲେଖନୀରେ ପରିବର୍ତନର ବାର୍ତା ସ୍ପଷ୍ଟ ବାରିହୁଏ, କିନ୍ତୁ ତାଙ୍କ ଅନୁଗାମୀ ସାହିତ୍ୟିକମାନେ ଏଦିଗଟିକୁ ଅନାଲୋଚିତ ରଖନ୍ତି । ଏହାବାଦେ ବି ଆହୁରି କିଛି ବିପ୍ଳବୀ ସାହିତ୍ୟ ଓଡ଼ିଆରେ ସୃଷ୍ଟି ହୋଇଛି, ଯାହା ପାଠକଙ୍କ ନିକଟରେ ପହଂଚିବାକୁ ଦିଆଯାଇ ନାହିଁ । ଏହା ସ୍ୱୀକାର୍ଯ୍ୟ ଯେ ଭାରତବର୍ଷ ତଥା ଓଡିଶାରେ ପ୍ରଗତିଶୀଳ ଲେଖନୀର ପ୍ରଚୁର ଅଭାବ ରହିଛି । ଏଦିଗରେ ସାହିତ୍ୟିକ ଓ ସାହିତ୍ୟ ଜଗତ ଅନୁଶୀଳନ କରିବା ବିଧେୟ । ଆମ ସମାଜକୁ ଏକ ଉଚ୍ଚତର ସୋପାନକୁ ନେଇଯିବାକୁ ହେଲେ ଏଦିଗରେ ମନନ ଜରୁରୀ । ଯେଉଁମାନେ ବି ଲେଖନୀ ଚାଳନା କରିଛନ୍ତି ସେମାନେ ଏ ଉତରଦାୟିତ୍ୱକୁ ଅଣଦେଖା କରିବା ଅନୁଚିତ ।

ଦର୍ଶନ ବିଭାଗ
(ଅବସର ପ୍ରାପ୍ତ), ବାରିପଦା,
ମୟୂରଭଞ୍ଜ- ୭୫୭୦୦୨

## ଡେଙ୍ଗୁ, ମ୍ୟାଲେରିଆ ପ୍ରତି ସଚେତନତା

ରାଜ୍ୟରେ ଏବେ 'ଡେଙ୍ଗୁ' ଯେପରି କାୟାବିସ୍ତାର କରିବାରେ ଲାଗିଛି, ତାହା କେବଳ ଜନସାଧାରଣଙ୍କ ପାଇଁ ନୁହେଁ, ପ୍ରଶାସନ ପାଇଁ ମଧ୍ୟ ମୁଣ୍ଡବିନ୍ଧାର କାରଣ ହୋଇଛି । ରାଜ୍ୟରେ ଡେଙ୍ଗୁ, ସ୍ଥିତି ଏବେ ସାଂଘାତିକ । ଏହା ସରକାରୀ ରିପୋର୍ଟ କହୁଛି । ବର୍ତମାନ ସୁଦ୍ଧା ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୨୦୦ ଟପିଥିବା ବେଳେ ଦେଶରେ ପ୍ରଥମ ସ୍ମାର୍ଟ ସିଟିର ମାନ୍ୟତା ପ୍ରାପ୍ତ ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ସାଂଘାତିକ ରୂପ ଧାରଣ କଲାଣି । ଗତ ୩ ସପ୍ତାହ ମଧ୍ୟରେ ଭୁବନେଶ୍ୱରରେ ୬୦ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଟପିଲାଣି । ରାଜ୍ୟରେ ଡେଙ୍ଗୁ ସଂକ୍ରମଣରେ ସ୍ମାର୍ଟ ସିଟି ଆଗୁଆ ରହିଥିବାବେଳେ ଯାଜପୁର, ବାଲେଶ୍ୱର, କଟକ, ପୁରୀ, ଜଗତସିଂହପୁର, ଭଦ୍ରକ, ନୟାଗଡ, ରାୟଗଡା, କୋରାପୁଟ, ମୟୁରଭ, କଳାହାଣ୍ଡି, ଝାରସୁଗୁଡା, ଢେଙ୍କାନାଳ, କେନ୍ଦ୍ରାପଡା ଓ କେନ୍ଦୁଝର ଜିଲ୍ଲାରେ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ରାଜଧାନୀ ଭୁବନେଶ୍ୱର ସମେତ ଅର୍ଦ୍ଧାଧିକ ଜିଲ୍ଲାରେ ଡେଙ୍ଗୁ କାୟାବିସ୍ତାର କରିସାରିଲାଣି । ତେବେ ଡେଙ୍ଗୁ ସଂକ୍ରମଣ ରାଜ୍ୟବାସୀଙ୍କ ପାଇଁ ନୂଆ ନୁହେଁ । ସାଧାରଣତଃ ବର୍ଷ ଆସିଲେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢିଥାଏ । ବର୍ଷା ଦିନେ ନାଳନର୍ଦ୍ଦମା ପାଣି ଜମିବା, ନିୟମିତ ସଫା ନହେବା, ଅଳିଆ ଆବର୍ଜନା ଜମିବା ଡେଙ୍ଗୁ ସଂକ୍ରମଣର ମୁଖ୍ୟ ବାହକ । ମଶା ହେଉଛି ଡେଙ୍ଗୁ ସଂକ୍ରମଣର ବାହକ । ରାଜଧାନୀ ଭୁବନେଶ୍ୱରରେ ମଶାବଂଶ ଏବେ ଯେପରି ବୃଦ୍ଧି ପାଇବାରେ ଲାଗିଛି, ସେଥିପ୍ରତି ନା ସରକାର ନା' ପ୍ରଶାସନର ନିଘା ଅଛି । ଦିନ ବେଳେ ବିନା ମଶାରୀରେ ଘରେ ବସିବା ସମ୍ଭବ ହେଉନାହିଁ । ମଶା ବଂଶ ନାଶ ପାଇଁ ମଶା ତେଲ ଛିଂଚିବା, ଧୂଆଁ ସ୍ପ୍ରେ କରିବା ପ୍ରଶାସନ ଭୁଲି ଯାଇଥିବାବେଳେ ନାଳନର୍ଦ୍ଦମା ସଫା କରିବା ବୋଧହୁଏ କର୍ତୁପକ୍ଷ ଭୁଲି ଗଲେଣି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ । କେବଳ ଏତିକି ଏବେ ବିକାଶ ନାମରେ ରାସ୍ତାଘାଟ ଯେପରି ଖୋଳା ଯାଉଛି, ଡ୍ରେନ ମୁକୁଳା ପକା ଯାଉଛି, ତାହା ପୂର୍ବରୁ କେବେ




ଦେଖାଯାଇନଥିଲେ । ବର୍ଷ ଦିନ ଆସିଲେ , ରାସ୍ତାଘାଟ ଖୋଳା ଯାଉଛି । ସାମନ୍ୟ ବର୍ଷାରେ ଖାଲ ଖମାରରେ ପାଣି ଜମି ମଶା ବଂଶ ବୃଦ୍ଧି କରିବାରେ ସହାୟକ ହେଉଛି, ଏହା ନିସନ୍ଦେହରେ କୁହାଯାଇପାରେ । ମଶା ବଂଶ ନାଶ ପାଇଁ ପ୍ରଶାସନ ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରୁଥିବା କୁହାଯାଉଥିଲେ ମଧ୍ୟ ଫଳ, ଯେ ଶୂନ ତାହା ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ସୂଚନା ପ୍ରଦାନ କରିଛି । କେବଳ ଡେଙ୍ଗୁ ନୁହେଁ, ରାଜ୍ୟରେ ମ୍ୟାଲେରିଆ ସଂକ୍ରମଣ ମଧ୍ୟ ଉଦ୍‌ବେଗଜନକ ସ୍ଥିତିରେ ପହଂଚିଛି । ମ୍ୟାଲେରିଆ ନିୟନ୍ତ୍ରଣରେ ରାଜ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ନେଇ ଡିଣ୍ଡିମ ପିଟିଥିବାବେଳେ କେନ୍ଦ୍ର ସରକାରଙ୍କ ରିପୋର୍ଟ ଯାହା କହୁଛି, ତାହା ରାଜ୍ୟରେ ମ୍ୟାଲେରିଆ ସଂକ୍ରମଣର ଭୟାବହ ସ୍ଥିତି ସମ୍ପର୍କରେ ସଂକେତ ପ୍ରଦାନ କରୁଛି ବୋଲି ନିସନ୍ଦେହରେ କୁହାଯାଇ ପାରେ । ମ୍ୟାଲେରିଆ ନିୟନ୍ତ୍ରଣରେ ରାଜ୍ୟ ୯୦ଭାଗ ସଫଳତା ହାସଲ କରିଥିବାବେଳେ କେନ୍ଦ୍ର ମ୍ୟାଲେରିଆ ନିରାକରଣ ସଂସ୍ଥାର ରିପୋର୍ଟ ଅନୁଯାୟୀ ସଂକ୍ରମଣ ଶତପ୍ରତିଶତ ବୃଦ୍ଧି ପାଇଥିବା କୁହାଯାଇଛି । ବିଶେଷ କରି ରାଜ୍ୟର ଉପକୂଳବର୍ତୀ ଅଂଚଳ ଠାରୁ ଆରମ୍ଭ ଦୁର୍ଗମ ପାହାଡିଆ ଅଂଚଳରେ ମ୍ୟାଲେରିଆର ପ୍ରାର୍ଦୁଭାବ ବୃଦ୍ଧି ପାଇବାରେ ଲାଗିଛି । କେବଳ ମ୍ୟାଲେରିଆ ନୁହେଁ, ଫାଇଲେରିଆ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି । ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ସରକାରଙ୍କ ଯୋଜନା ମଧ୍ୟ କିଛି ନୁହେଁ । ଗତ ଚାରିବର୍ଷ ତଳେ ରାଜ୍ୟର ମ୍ୟାଲେରିଆ ପ୍ରବଣ ଜିଲ୍ଲାଗୁଡିକରେ ଔଷଧୀୟ ମଶାରୀ ବଂଟନ କରାଯାଇଥିବାବେଳେ ଏବେ ତାହା ବନ୍ଦ ରହିଛି । ଆଉ ଔଷଧୀୟ ମଶାରୀ ବଂଟନ କରାଯିବ କି ନାହିଁ, ତାହା ଭବିଷ୍ୟତ କହିବ । କିନ୍ତୁ ଏହା ନିଶ୍ଚିତ ଯେ, ମଶା ହେଉଛି ଡେଙ୍ଗୁ ଓ ମ୍ୟାଲେରିଆର ବାହକ । ନାଳ ନର୍ଦ୍ଦମା ପାଣି, ଜମି ରହିଥିବା ପାଣି, ଅଳିଆ ଆବର୍ଜନା ହେଉଛି ମଶାବଂଶ ବୃଦ୍ଧିର କାରଣ । କେବଳ ସହରାଚଂଳ ନୁହେଁ, ଗ୍ରାମାଚଂଳରେ ପାହାଡିଆ ଦୁର୍ଗମ ଅଂଚଳରେ ଯୁଦ୍ଧକାଳୀନ ଭିତିରେ ଜିଲ୍ଲା ଓ ପୌର ପ୍ରଶାସନ ନାଳ ନର୍ଦ୍ଦମା ଓ ଅଳିଆ ଆବର୍ଜନା ସଫେଇ କରିବା ଜରୁରୀ । ଯାହାକି ମଶା ବଂଶ ବୃଦ୍ଧିକୁ ରୋକିବା ସହ ଡେଙ୍ଗୁ, ମ୍ୟାଲେରିଆ ସଂକ୍ରମଣକୁ ନିୟନ୍ତ୍ରଣ କରିପାରିବ । ସେହିପରି ରାଜ୍ୟ ସରକାର ଆକ୍ରାନ୍ତକୁ ଡାକ୍ତରୀ ଚିକିତ୍ସା ଯୋଗାଇବା ଲାଗି ଗ୍ରହଣ କରିଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ । କହିବା ବାହୁଲ୍ୟ ଯେ, ବର୍ଷା ଦିନେ ଜଳବାହିତ ରୋଗ ଝାଡା, ବାନ୍ତି, ଡାଇରିଆ ଆଦି ବ୍ୟାପିଥାଏ । ଏଥିପ୍ରତି ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ସଜାଗ ହେବା ଜରୁରୀ । ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ସାମାନ୍ୟତମ ଅବହେଳା ଡେଙ୍ଗୁ, ମ୍ୟାଲେରିଆ ଅଣାୟତ ହେବାର କାରଣ ହେବ, ଏଥିରେ ସନ୍ଦେହ ନାହିଁ । ଏଥିସହ ଜନସାଧାରଣଙ୍କୁ ଡେଙ୍ଗୁ, ମ୍ୟାଲେରିଆ ପ୍ରତିଷେଧକ ପାଇଁ ବ୍ୟାପକ ସଚେତନ କରାଇବାର ଆବଶ୍ୟକତା ରହିଛି ।

## କିପରି ହେବେ ଦକ୍ଷ ଓ ଆଦର୍ଶ କର୍ମଚାରୀ

◆ ଗିରିଧାରୀ ସାମଲ

✦ ଯେକୌଣସି କମ୍ପାନୀ ହେଉ ବା ଅଫିସ୍, ତା'ର ସଫଳତାରେ ଉଭୟ କର୍ମଚାରୀ ଓ ମ୍ୟାନେଜ୍‌ମେଂଟର ହାତ ରହିଥାଏ ସବୁବେଳେ କର୍ମଚାରୀ ଓ ବସ୍ ବା ଏମଡ଼ିଙ୍କ ପରସ୍ପର ସହିତ ଉତମ ସମନ୍ୱୟ ରହିବା ଜରୁରୀ । ବସ୍ ଯେମିତି କମ୍ପାନୀ ପାଇଁ କଠିନ ପରିଶ୍ରମ କରୁଛନ୍ତି, କର୍ମଚାରୀଙ୍କୁ ମଧ୍ୟ ସେମିତି ପରିଶ୍ରମ କରିବାକୁ ପଡ଼ିବ । କାରଣ କମ୍ପାନୀର ସଫଳତାରେ ବସ୍‌ଙ୍କ ସହ କର୍ମଚାରୀ ମାନେ ମଧ୍ୟ ପ୍ରଶଂସା ପାଇଥାନ୍ତି । ଅଭ୍ୟଭାବରେ କହିବାକୁ ଗଲେ କମ୍ପାନୀ ପାଇଁ ବସ୍ ଓ କର୍ମଚାରୀ ଉଭୟ ଉଭୟଙ୍କ ପରିପୂରକ । ତେଣୁ ଏଥିପାଇଁ ଆବଶ୍ୟକ ଉତମ ସମନ୍ୱୟ ।

✦ ସବୁବେଳେ ଅଫିସ୍‌ରେ ଠିକ୍ ସମୟରେ ପହଂଚନ୍ତୁ । ସମୟାନୁବର୍ତିତା ରକ୍ଷା କଲେ ଆପଣ ଅନ୍ୟ କର୍ମଚାରୀମାନଙ୍କ ପାଇଁ ମଧ୍ୟ ଆଦର୍ଶ ହୋଇ ରହିବେ । ନିଜ କାର୍ଯ୍ୟକୁ ଧାର୍ଯ୍ୟ ସମୟରେ ଶେଷ କରନ୍ତୁ । ଅନ୍ୟ କର୍ମଚାରୀମାନଙ୍କ ସହିତ ଅଯଥା ନଗପି ନିଜ କାର୍ଯ୍ୟରେ ଧ୍ୟାନ କେନ୍ଦ୍ରିତ କରନ୍ତୁ । ଏହାଦ୍ୱାରା ଆପଣ ବସ୍ ଏବଂ ଅନ୍ୟ କର୍ମଚାରୀମାନଙ୍କ ଶୁଭଦୃଷ୍ଟିରେ ରହିବେ ।

✦ ଅଫିସର କୌଣସି କଠିନ ବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନିଅନ୍ତୁ, ତାକୁ ସୁଚାରୁରୂପେ ଶେଷ କରିପାରିଲେ ଆପଣଙ୍କର କାର୍ଯ୍ୟଦକ୍ଷତା ବିଷୟରେ ଅନ୍ୟମାନେ ଜାଣିପାରିବେ । ତା'ସହିତ ଆପଣ ପ୍ରଶଂସା ପାଇବାର ମଧ୍ୟ ହକ୍‌ଦାର ହୋଇପାରିବେ ।



✦ ବସ୍‌ଙ୍କ ସହ ପ୍ରତ୍ୟେକ କାର୍ଯ୍ୟ ନେଇ ଯୋଗାଯୋଗ ରକ୍ଷା କରନ୍ତୁ । ଆପଣ ନିଜେ କେଉଁ କ୍ଷେତ୍ରରେ କିଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେସବୁ ବସ୍‌ଙ୍କ ନିକଟରେ ବିସ୍ତାରରେ ଆଲୋଚନା କରନ୍ତୁ । ସମସ୍ୟାର କିପରି ସମାଧାନ କରିବେ, ଯେପରି କମ୍ପାନୀ କାର୍ଯ୍ୟ ପ୍ରତି କୌଣସି ଖରାପ ପ୍ରଭାବ ପଡ଼ିବ ନାହିଁ ଏବଂ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରନ୍ତୁ । ଏବେ ଆପଣ କମ୍ପାନୀ ପାଇଁ କି କି କାର୍ଯ୍ୟ କରୁଛନ୍ତି ତଥା ଆଉ ଅନ୍ୟ କେଉଁ କ୍ଷେତ୍ର ପ୍ରତି ଆପଣଙ୍କର ରୁଚି ଅଛି, ସେ ବିଷୟରେ ବସ୍‌ଙ୍କୁ ଅବଗତ କରାନ୍ତୁ । ହୁଏତ ଏହାଦ୍ୱାରା ଆପଣଙ୍କ କାର୍ଯ୍ୟଦକ୍ଷତା ଆହୁରି ବଢ଼ିପାରିବ ଏବଂ ଅନ୍ୟମାନେ ଆପଣଙ୍କୁ ସମ୍ମାନ ଜଣାଇବେ । କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବା ପୂର୍ବରୁ ବସ୍‌ଙ୍କ ମତାମତ ନିଅନ୍ତୁ । ସେ ହିଁ ଆପଣଙ୍କର ଉଚିତ ମାର୍ଗଦର୍ଶନ କରିପାରିବେ । ହୁଏତ ଆପଣ ଗୋଟିଏ ଭୁଲ୍ ନିଷ୍ପତି ନେଇଥାଇପାରନ୍ତି । ତାକୁ ଭଲ ଭାବରେ ଅନୁଧ୍ୟାନ କରି ବସ୍ ଆପଣ ନେଇଥିବା ନିଷ୍ପତିକୁ ଠିକ୍ ନା ଭୁଲ୍ କହିପାରିବେ

✦ ଅଫିସ୍‌ରେ ଅଳସୁଆ ଏବଂ ଠକ କର୍ମଚାରୀଙ୍କ ବିଷୟରେ ବସ୍‌ଙ୍କୁ ଜଣାନ୍ତୁ । ସେମାନଙ୍କ ଯୋଗୁଁ ହୁଏତ କମ୍ପାନୀକୁ କ୍ଷତି ସହିବାକୁ ପଡ଼ିପାରେ ଏବଂ ଏଥିପାଇଁ ଆପଣ ମଧ୍ୟ ବଦ୍‌ନାମ୍ ହୋଇ ପାରନ୍ତି । ତେଣୁ ଖରାପ ସମୟ ଆସିବା ପୂର୍ବରୁ ସେମାନଙ୍କୁ ସୁଧାରି ନେବା ଉଚିତ । ଏ ସମ୍ବନ୍ଧରେ ବସ୍ ହିଁ ସେମାନଙ୍କୁ ଠିକ୍ ବାଟକୁ ଆଣିପାରିବେ ।

✦ ବସ୍‌ଙ୍କ ଦକ୍ଷତା ଏବଂ କାର୍ଯ୍ୟଦକ୍ଷତା ଯୋଗୁଁ ତାଙ୍କୁ ପ୍ରଶଂସା କରନ୍ତୁ । ତାଙ୍କ ଭଲ ଗୁଣଗୁଡ଼ିକୁ ପାଳନ କରିବା ପାଇଁ ଅନ୍ୟ କର୍ମଚାରୀମାନଙ୍କୁ କୁହନ୍ତୁ ତଥା ନିଜେ ସେଗୁଡ଼ିକୁ ପାଳନ କରି କିପରି ସଫଳତା ପାଇଛନ୍ତି ବର୍ଣ୍ଣନା କରନ୍ତୁ ।

✦ ଅଫିସ୍ ମିଟିଂ, କନ୍‌ଫରେନ୍ସ, ସେମିନାର୍ ତଥା ଆୱାର୍ଡ଼ ସେରିମନିରେ ବସ୍‌କୁ ପ୍ରଶଂସା କରିବାକୁ ଭୁଲନ୍ତୁ ନାହିଁ । କମ୍ପାନୀ ପ୍ରତି ଥିବା ତାଙ୍କ ଦାୟିତ୍ୱବୋଧକୁ ପ୍ରଶଂସା କରି ଅନ୍ୟ କର୍ମଚାରୀ ମାନେ ମଧ୍ୟ ଏହାକୁ ଅନୁସରଣ କରିବା ଉଚିତ ବୋଲି କୁହନ୍ତୁ ।

ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର,
କଟକ: ୯୪୩୭୪୫୦୧୧୪

# ଗରିବ କଲ୍ୟାଣ ଯୋଜନା-ଭୋକହୀନ ଭାରତ ଗଠନର ସାର୍ଥକ ସ୍ୱପ୍ନ

ଡକ୍ଟର ଶ୍ରୀହରି ଧଳ

ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କର ଏକ ସଫଳ ଜନକଲ୍ୟାଣ ଯୋଜନା ହେଉଛି ଗରିବ କଲ୍ୟାଣ ଯୋଜନା । ଯାହାର ପ୍ରଚଳନ ଆଜି ସମଗ୍ର ଦେଶରେ ବିକାଶର ଏକ ଶକ୍ତ ମୂଳଦୁଆ ସ୍ଥାପନ କରି ପାରିଛି । ଏହି ଯୋଜନା ଦୁଇ ହଜାର ଷୋହଳ ମସିହାରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଯେଉଁଥିରେ ୮୦ କୋଟି ଲୋକଙ୍କୁ ସାମିଲ କରାଯିବା ସହ ୫୦ ହଜାର କୋଟିର ବ୍ୟୟ ବରାଦ କରାଯାଇଥିଲା । ବିଶେଷକରି ଏହି ଯୋଜନା ମହିଳା, କୃଷକ, ମଜଦୁର ଓ ବିଧବାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏହା ଦେଶ ତଥା ବିଶ୍ୱର ଏକ ବୃହତମ ଯୋଜନା କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରତ୍ୟେକ ଲୋକଙ୍କୁ (ବିଶେଷ କରି ଗରିବ ଶ୍ରେଣୀର) ଖାଦ୍ୟ, ଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର ଆଦି ଉପଲବ୍ଧ କରାଇବା ଥିଲା ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କର ମୁଖ୍ୟ ଲକ୍ଷ୍ୟ । ଯାହା ଆଜି ସଫଳତାର ସହ ଭାରତର ୮୦ କୋଟିରୁ ଅଧିକ ଲୋକଙ୍କ ପାଖରେ ପହଂଚି ପାରିଛି ଓ ଗରିବ ଲୋକମାନେ ତାହାର ସୁଫଳ ପାଇପାରିଛନ୍ତି । ଗରିବକଲ୍ୟାଣ ଯୋଜନା ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସାମାଜିକ ସୁରକ୍ଷା । ଫୁଡ୍ ସିକ୍ୟୁରିଟି ଆକ୍ଟ ୨୦୧୩ ମାଧ୍ୟମରେ ଏହି ଯୋଜନା ସଂପ୍ରସାରିତ ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ସମୟରେ ଏଥିରେ ମାଗଣାରେ ଲୋକଙ୍କୁ ଖାଦ୍ୟ, ରାଜସ ଯୋଗାଇବା ବ୍ୟବସ୍ଥା ହେଲା । ଦିବ୍ୟାଙ୍ଗଙ୍କୁ ଗରିବ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରି ୫% ସଂରକ୍ଷଣ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ୩୧ଟି ବିଭାଗକୁ ଚିଠି କରାଯାଇଛି, ଯେଉଁଥିରେ କରୋନା ମହାମାରୀ ସମୟରେ ସରକାର ଗରିବ କଲ୍ୟାଣ ଅନ୍ନ ଯୋଜନା ତତକାଳୀନ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ୨୦୨୦ ମସିହାରେ ଆରମ୍ଭ କରାଗଲା । ଏହି ଅନ୍ନ ଯୋଜନା ୨୦୨୦ ମସିହାରୁ ୨୦୨୨ ମସିହା ପର୍ଯ୍ୟନ୍ତ ପ୍ରଥମେ କାର୍ଯ୍ୟକାରୀ କରାଯାଇଥିଲା । ଏଥିରେ ମୁଖ୍ୟତଃ ଜୀବନ ଓ ଜୀବିକାକୁ ପ୍ରାଧାନ୍ୟ ଦିଆଯାଇଥିଲା । ୮୦ କୋଟି ଲୋକଙ୍କୁ ମାଗଣା ଗହମ, ଚାଉଳ ଓ ରାସନ ଦେବାକୁ ସରକାର ଘୋଷଣା କରିଥିଲେ । ପରବର୍ତୀ ସମୟରେ ଏହାକୁ ସମ୍ପ୍ରସାରଣ କରାଯାଇଥିଲା । ଏବେ ୨୦୨୯ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଗରିବ କଲ୍ୟାଣ ଯୋଜନା ମଧ୍ୟରେ ପ୍ରତ୍ୟେକ ମହିଳାଙ୍କ ଏକାଉଂଟକୁ ୩ଟି କିସ୍ତିରେ ୫୦୦ ଟଙ୍କା ପ୍ରଦାନ କରାଗଲା । ପିଏମ କିଷାନ ଯୋଜନାରେ ୨୦୦୦ ଟଙ୍କା ଚାଷୀଙ୍କୁ ଏକାଉଂଟକୁ ତିନିଟି କିସ୍ତିରେ ପ୍ରଦାନ କରାଗଲା । ସେହିଭଳି ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ଯୋଗାଇ ଦିଆଗଲା । କରୋନା ଯୋଦ୍ଧାମାନଙ୍କୁ ୫୦୦୦୦ ବୀମାରାଶି ପ୍ରଦାନର ବ୍ୟବସ୍ଥା କରାଗଲା । ମନରେଗା ଯୋଜନାରେ ୫୦ ଲକ୍ଷ ଶ୍ରମିଜୀବୀଙ୍କୁ ୧୨୫ ଦିନର କାର୍ଯ୍ୟ (ପ୍ରାୟ ୪ ମାସର) ରୋଜଗାର ପ୍ରଦାନ କରିବାର ବ୍ୟବସ୍ଥା କରାଗଲା । କାରଣ ଜଣଙ୍କର ପେଟ ପୁରିଲେ ସେ ଦେଶର ପ୍ରଗତି କଥା ଚିନ୍ତା କରିବ- ଏକଥା ଠିକ୍ ବୁଝିଥିଲେ ଆମର ପ୍ରଧାନମନ୍ତ୍ରୀ । ଏହି ଯୋଜନା ଉତରପ୍ରଦେଶ, ଝାଡ଼ଖଣ୍ଡ, ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଓଡ଼ିଶା ରାଜ୍ୟରେ ଲାଗୁ କରାଗଲା । ଗ୍ରାମାଂଚଳରେ ଗରିବ ଲୋକମାନଙ୍କୁ ରୋଜଗାରକ୍ଷମ କରିବା ସହ ଗ୍ରାମୀଣ କ୍ଷେତ୍ରର ବିକାଶ ପାଇଁ ସରକାର ଗୁରୁତ୍ୱ ଆରୋପ କରିଛନ୍ତି । ଆଶା ଏକ ବିକଶିତ ଭାରତ ଗଠନରେ ଏହି ଗରିବ କଲ୍ୟଶଣ ଯୋଜନା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଏଥିପାଇଁ ପ୍ରତ୍ୟେକ ନାଗରିକଙ୍କର ସହଯୋଗ ଏକାନ୍ତ କାମ୍ୟ । ଭୋକହୀନ ଭାରତ ଗଢ଼ିବାର ଯେଉଁ ମହତ୍ୱ ସ୍ୱପ୍ନ ଦେଖିଥିଲେ ଆମର ପ୍ରିୟ ପ୍ରଧାନମନ୍ତ୍ରୀ, ଗରିବ କଲ୍ୟାଣ ଯୋଜନା ମାଧ୍ୟମରେ ତାହାର ଯେ ଯଥାର୍ଥ ରୂପାୟନ ହୋପାରିଛି, ଏକଥା ନିର୍ବିବାଦରେ ସ୍ୱୀକାର କରିବାକୁ ହେବ ।

*ତତାଇଁତରା, କପାସି ଚିତାଳୋ, ଯାଜପୁର-୭୫୫୦୬୨*
*ମୋ: ୮୧୧୭୦ ୮୧୯୦୬*

# ନିର୍ବାଚନ ତାଲିମ୍ ପର୍ଯ୍ୟବେକ୍ଷକଙ୍କ ଜିଲ୍ଲା ପରିଦର୍ଶନ ଏବଂ ଏସ ଆଇ ଆର କାର୍ଯ୍ୟ ସମୀକ୍ଷା

ଖୋର୍ଦ୍ଧା(ନିପ୍ର): କାର୍ଯ୍ୟକ୍ରମ ତଦାରଖ ନିମନ୍ତେ ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ଶାସନ ସଚିବ ରଶ୍ମିତା ପଣ୍ଡା, ଭାରତୀୟ ପ୍ରଶାସନିକ ଅଧିକାରୀ ଏକ ଦିନିକିଆ ଖୋରଧା ଜିଲ୍ଲା ଗସ୍ତରେ ଆସି, ନିର୍ବାଚନୀ ତାଲିକା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜିଲ୍ଲା ପାଳ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ରିତ୍ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ବେଉରା ଏବଂ ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ, ଅତିରିକ୍ତ ଭୋଟର ପଞ୍ଜିକରଣ ଅଧିକାରୀ ଏବଂ ବିଭିନ୍ନ ଜାତୀୟ ଓ ଆଂଚଳିକ ରାଜନୈତିକ ଦଳ ଜିଲ୍ଲା ସଭାପତି ତଥା ସମ୍ପାଦକ ମାନଙ୍କ ସହ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପିଣ୍ଡିକି ବାହୁ ବଳେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ୧୧୧ ଜୟଦେବ ସଂରକ୍ଷିତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ୧୧୫ ଜଟଣୀ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ରମେଶ ଚନ୍ଦ୍ର ଜେନା, ୧୧୬ ବେଗୁନିଆ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ,



୧୧୭ ଖୋରଧା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ, ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ୧୧୮ ଚିଲିକା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ କ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଏବଂ ଖୋର୍ଦ୍ଧା ଜିଲ୍ଲା ଅତିରିକ୍ତ ନିର୍ବାଚନ ଅଧିକାରୀ ପ୍ରତାପ କୁମାର ବେହେରା ପାୱାର ପଏଂଟ ମାଧ୍ୟମରେ ନିର୍ବାଚନୀ ତାଲିକା ପର୍ଯ୍ୟବେକ୍ଷକ ଙ୍କୁ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ବନ୍ଧରେ ଉପସ୍ଥାପନ କରିଥିବା ବେଳେ ପର୍ଯ୍ୟବେକ୍ଷକ ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଭୋଟର ପଞ୍ଜିକରଣ ଅଧିକାରୀ ଙ୍କୁ ଏସ ଆଇ ଆର କାର୍ଯ୍ୟ ସମ୍ବନ୍ଧରେ ପଚାରି ସନ୍ତୋଷ ବ୍ୟକ୍ତ କରିଥିଲେ । ସେହିପରି ଭାରତୀୟ ଜାତୀୟ କଂଗ୍ରେସ ସୌମ୍ୟ ପଟ୍ଟନାୟକ, ଭାରତୀୟ ଜନତା ପାର୍ଟି ର ବଦ୍ରୀ ନାରାୟଣ ଦାଶ ଏବଂ ସି ପି ଆଇ (ଏମ୍) ଅନନ୍ତ ମଙ୍ଗରାଜ ରାଜନୈତିକ ଦଳ ଜିଲ୍ଲା ବରିଷ୍ଠ ନେତୃ ମଣ୍ଡଳୀ ସହ ଏସ ଆଇ ଆର କାର୍ଯ୍ୟ ସମ୍ବନ୍ଧରେ ସମୀକ୍ଷା କରି ଖୋରଧା ଜିଲ୍ଲା ରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସଠିକ୍ ଢଙ୍ଗରେ ଚାଲିଥିବାରୁ ରାଜନୈତିକ ଦଳ ଜିଲ୍ଲା ପ୍ରଶାସନ କୁ ସହଯୋଗ କରୁଥିବାରୁ ଆନନ୍ଦ ପ୍ରକାଶ କରିଥିଲେ କ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଏବଂ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ବେଉରା ଏସ ଆଇ ଆର କାର୍ଯ୍ୟକ୍ରମର ତଥ୍ୟ ପ୍ରଦାନ କରିଥିଲେ କ୍ଷ ଜିଲ୍ଲାରେ ଅତିରିକ୍ତ ଭୋଟର ପଞ୍ଜିକରଣ ଅଧିକାରୀ ଯଥା ବି ଡି ଓ, ତହସିଲଦାର ଏବଂପୌର/ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ ମାନଙ୍କୁ ନେଇ ୩୫ ଜଣ ନିଯୁକ୍ତି ପାଇଛନ୍ତି । ଭୋଟ କେନ୍ଦ୍ର ଗୁଡ଼ିକୁ ଯୁକ୍ତିଯୁକ୍ତ ତଥା ସଙ୍ଗତ କଳାପରେ ୧୫୭୯ ବୁଥ ସ୍ତରୀୟ ଅଧିକାରୀ ନିଯୁକ୍ତି କରା ଯାଇଛି । ସେହିପରି ଭାରତୀୟ ଜନତା ପାର୍ଟି ତରଫରୁ ୧୨୩୮, ବିଜୁ ଜନତା ଦଳ ପକ୍ଷରୁ ୧୩୪୦ ଏବଂ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟିର ୬୦୫ ବୁଥ ସ୍ତରୀୟ ଏଜେଂଟ ନିଯୁକ୍ତି ନେଇ ମୋଟ ୩୦୮୩ ବି ଏଲ ଏ ନିଯୁକ୍ତି ସମ୍ବନ୍ଧରେ ପର୍ଯ୍ୟବେକ୍ଷକ ଅବଗତ ହୋଇଥିଲେ । ସେହିପରି ମ୍ୟାପିଂସ୍ଥିତି, ଭୋଟର ଚିହ୍ନଟ ଫର୍ମ ବଂଟନ, ଡିଜିଟାଇଜେସନ, ଲିଙ୍ଗ ଭେଦରେ ଜନସଂଖ୍ୟା (ପ୍ରାରମ୍ଭିକ ଭୋଟର ତାଲିକା ଚିଠା ପ୍ରସ୍ତୁତ ପରେ), ଭୋଟର ତାଲିକା ରେ ଅନିୟମିତତା, ଆପତି ଅଭିଯୋଗ ଶୁଣାଣୀ, ପ୍ରକୃତ ଭୋଟର, ମୃତ ଭୋଟର ମାନଙ୍କୁ ତାଲିକାରୁ ବାଦ ଦେବା, ଅବୈଧାନିକ ଭୋଟରଙ୍କୁ ବାଦ ଦେବା ଆଦି ବିଷୟରେ ସମୀକ୍ଷା କରି ଖୋର୍ଦ୍ଧା ବ୍ଲକର ବି ଏଲ ଓ, ବି ଏଲ ଏ ମାନଙ୍କୁ କ୍ଷେତ୍ର କାର୍ଯ୍ୟ ସମ୍ବନ୍ଧରେ ପଚାରି ବୁଝି ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର, ସ୍ୱିଟି ସୋରେନ, ଡେପୁଟି କଲେକ୍ଟର ସଂଗ୍ରାମ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ନିର୍ବାଚନ ବିଭାଗ ସମସ୍ତ କର୍ମଚାରୀ ଯୋଗଦେଇଥିଲେ ।

# ପଳିକିରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା କମିଟି ଗଠନ

ଧାମନଗର(ନିପ୍ର): ଧାମନଗର ବ୍ଲକ ଭଗବାନପୁର ପଂଚାୟତର ପଳିକିରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନରେ ଛାତ୍ର ଛାତ୍ରୀଙ୍କ ପିତା ମାତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତ କ୍ରମେ ଶାନ୍ତି ଶୃଙ୍ଖଳାର ସହ ୧୫ ଜଣ ସଭ୍ୟ ସଭ୍ୟା ଙ୍କୁ ନେଇ କମିଟି ଗଠନ ହୋଇଥିଲା । ଗୁରୁବାର ଅପରାହ୍ନରେ ଶିକ୍ଷା କମିଟି ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ସୁଧାକର ମାଝୀ ସର୍ବସମ୍ମତି କ୍ରମେ ଦ୍ୱିତୀୟ ଥର ପାଇଁ ସଭାପତି ହୋଇଥିବା ବେଳେ ପାର୍ବତୀ ଯେନା ଉପ ସଭାନେତ୍ରୀ ହୋଇଥିଲେ । କମିଟିରେ ସଭ୍ୟା ଭାବେ ଝରଣା ସ୍ୱାଇଁ, ରଞ୍ଜିତା ସାହୁ, ହୀରାଲତା ମାଝୀ, ମାମିନା ସ୍ୱାଇଁ, ଗାୟତ୍ରୀ ବାରିକ, ରାଜଲକ୍ଷ୍ମୀ ସାହୁ, ଶାନ୍ତିଲତା ଦାଶ ଓ ସଭ୍ୟ ଭାବେ ବାପୁନ ଚମ୍ପିଆ, ମଦନ ମୋହନ ସାହୁ, ପ୍ରଭାତ ଯେନା, ଦିଲ୍ଲୀପ ପତି, ରତ୍ନାକର ବେହେରା, ସୁବ୍ରତ କୁମାର ନନ୍ଦ ପ୍ରମୁଖ ଚୟନ ହୋଇଥିଲେ । ଏଥି ସହିତ ସରକାରୀ ନିୟମ ଅନୁସାରେ ସମ୍ପୃକ୍ତ ୱାର୍ଡ଼ର ୱାର୍ଡ଼ମେମ୍ବର ଗୌରାଙ୍ଗ ଦାଶ, ଅଙ୍ଗନବାଡ଼ି କର୍ମୀ ଚିନ୍ମୟୀ ପଣ୍ଡା, ଆଶା କର୍ମୀ ମାନସୀ ଯେନା ଓ ଶିକ୍ଷକ ପ୍ରତିନିଧି ଭାବେ ସୋହାଗୀ ହେମ୍ବ୍ରମ ମନୋନୀତ ହୋଇଥିଲେ । ଏହି କମିଟିରେ ପ୍ରଧାନ ଶିକ୍ଷକ ନିରାକାର ରାଉତ ସମ୍ପାଦକ ଭାବେ କାର୍ଯ୍ୟ କରିବେ । ସମସ୍ତ ସଭ୍ୟ ସଭ୍ୟାଙ୍କୁ ଶପଥ ପାଠ କରାଯିବା ସହ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ୮୦ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ଖୋର୍ଦ୍ଧା(ନିପ୍ର): ଆଗାମୀ ଜିଲ୍ଲାସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ତଥା ସ୍ୱାଧୀନତା ଦିବସ ପାଳନ କମିଟି ଉପାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇ ଅଛି । ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଉତ୍ସବ ବି ଜେ ବି ହାଇସ୍କୁଲ ପଡ଼ିଆଠାରେ ଆୟୋଜନ କରାଯିବ । ଉକ୍ତ ଦିନ ପ୍ରତ୍ୟୁଷରେ ରାମଧୁନ ଗାନ କରାଯାଇ ସହର ପରିକ୍ରମା କରାଯିବ । ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସକାଳ ୬ ଘଟିକା ସମୟରେ ପ୍ରଭାତ ଫେରି, ସକାଳ ୭ ଘଟିକା ସମୟରେ ସହରରେ ଅନୁରୂପ ଭାବେ ସମସ୍ତ ବ୍ଲକ୍ ଓ ପୌରାଂଚଳ ଏବଂ ବିଜ୍ଞାପିତ ଅଂଚଳ ପରିଷଦ ମାନଙ୍କରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ, ସକାଳ ୭ ଘଟିକା ୩୦ ମିନିଟ ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ କରାଯିବାକୁ ଥିବା ବେଳେ ସକାଳ ୯:୧୫ ଘଟିକା ସମୟରେ ବି ଜେ ବି ହାଇସ୍କୁଲ ପଡ଼ିଆଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ ରେ ଅଭିବାଦନ ଗ୍ରହଣ କରିବେ । ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଆନ୍ତର୍ଜାତୀୟ ଓ ଜାତୀୟ କ୍ଷେତ୍ରରେ ଜିଲ୍ଲାର ଉଦୀୟମାନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବାପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ଦିବସ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା କାରାଗାରରେ ଯଥାକ୍ରମେ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଂଟନ କରାଯିବାର କାର୍ଯ୍ୟକ୍ରମ ମଧ୍ୟ ସ୍ଥିର ହୋଇଅଛି । ସେହିପରି ପ୍ୟାରେଡ ପୂର୍ବାଭ୍ୟାଷ ଆସନ୍ତା ୧୧ ତାରିଖ ଠାରୁ ୧୨ ତାରିଖ ଅପରାହ୍ନ ୩ଘଟିକା ସମୟରେ ଏବଂ ୧୩ ତାରିଖ ସକାଳ ୮ ଘଟିକା ସମୟରେ ଆରକ୍ଷିତ ଆରକ୍ଷୀ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ବି ଜେ ବି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇ ଅଛି । ଦିବସକୁ ଆକର୍ଷଣୀୟ ଓ ଜନସାଧାରଣଙ୍କୁ ସରକାରଙ୍କ ବିକାଶ ମୂଳକ ଯୋଜନାର ବାର୍ତା ପ୍ରଦାନ କରିବା ନିମନ୍ତେ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ ନିର୍ମାଣ କରିବା ନିମନ୍ତେ ଅଧ୍ୟକ୍ଷ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ କାର୍ଯ୍ୟାଳୟ ମାନଙ୍କରେ ଆଲୋକମାଳାରେ ସୁ ସଜ୍ଜିତ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ସର୍ବୋପରି ପବିତ୍ର ୮୦ ତମ ଖୋରଧା ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସକୁ ଶାନ୍ତି, ମୈତ୍ରୀ, ସମ୍ପ୍ରିତି, ଭାଇଚାରା, ରାଷ୍ଟ୍ରୀୟ ସଂହତି ସହ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରିବା ନିମନ୍ତେ ବୈଠକର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲା ବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ବୈଠକରେ ଜ୍ୟୋତି ଶଙ୍କର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି ମଂଚାସୀନ ଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ, ଅତିଥି ପରିଚୟ ଏବଂ ଧନ୍ୟବାଦ ପ୍ରଦାନ ଏବଂ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଦର ବି ଡି ଓ, ସିଦ୍ଧାର୍ଥ ପଟ୍ଟନାୟକ, ପୌର ନିର୍ବାହୀ ଅଧିକାରୀ କାବେରୀ ମୁଦୁଲି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରସ୍ମିବାଳା ପରିଡ଼ା, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି, ଶ୍ରେୟା ଶାଶ୍ୱତୀ, ଆର ଆଇ ଅଫ ପୁଲିସ ବିଜୟ କୁମାର ସାହୁ, ଉପଖଣ୍ଡ ପୋଲିସ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, ପୂର୍ତ ସରୋଜ କୁମାର ମିଶ୍ର, ବୁଦ୍ଧିଜୀବୀ ନିକୁଞ୍ଜ ପଟ୍ଟନାୟକ, ଶୁଭ୍ରାଂଶୁ ସାମନ୍ତରାୟ, ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ଦେବ ପ୍ରସାଦ ମଜୁମଦାର, ବୁଦ୍ଧିଜୀବୀ ସତ୍ୟବାଦୀ ବଳିୟାର ସିଂହ, ଭୀମ ସେନ ପ୍ରଧାନ, ସମାଜସେବୀ ଇତିଶ୍ରୀ ସାହୁ, ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧାପକ, ପଦାର୍ଥ ବିଜ୍ଞାନ ଡ଼ଃ ସୁବୋଧ ଜଗଦେବ ଙ୍କ ସମେତ ସଂପୃକ୍ତ ବିଭାଗର ଅଧିକାରୀ, ସ୍ୱାଧୀନତା ଦିବସ ପାଳନ କମିଟି ସମସ୍ତ ସଦସ୍ୟ/ ସଦସ୍ୟା, ବୁଦ୍ଧିଜୀବୀ, ସହରର ମାନ୍ୟ ଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗ ଦେଇଥିଲେ ।

# ଉତରେଶ୍ୱର ଫୁଟ ଓଭରବ୍ରିଜ୍ ପାଇଁ ସ୍ଥାନ ନିରୁପଣ

ସୋର(ନିପ୍ର): ୧୬ନମ୍ବର ଜାତୀୟ ରାଜପଥ ସୋର ଉତରେଶ୍ୱର ଏବଂ ତଳନଗର ନିକଟରେ ଦୁଇଟି ଜନଗହଳି ସ୍ଥାନରେ ଯାତ୍ରୀମାନେ ରାସ୍ତା ପାରହେବା ପାଇଁ ପାଦଚଲା ସେତୁ ନିର୍ମାଣ କରାଯିବା ପାଇଁ ସରକାରୀ ପ୍ରସ୍ତାବ ଅନୁସାରେ ବିଧାୟକ ମାଧବ ଧଡ଼ାଙ୍କ ଉପସ୍ଥିତିରେ ଏବଂ ରେସିଡେଂଟ କମ୍ ହାଇୱେ ଇଂଜିନିୟର ଶୁଭଙ୍କର ଦାସ ସ୍ଥାନ ନିରୁପଣ କରିଛନ୍ତି । ଏହା ନିର୍ମାଣ ହେବା ପରେ ଉଭୟ ପାଶ୍ୱର୍ରୁ ବସ୍ ଟ୍ରେକର ଓ ଅଟୋର ଯାତ୍ରୀମାନେ ଯାଆସ କରିବାବେଳେ ଅସୁବିଧାରେ ସମ୍ମୁଖିନ ହେବେ ନାହିଁ ଏବଂ ଦୁର୍ଘଟଣାକୁ ରୋକା ଯାଇ ପାରିବ ବୋଲି ବିଧାୟତ ଶ୍ରୀ ଧଡ଼ା ସୂଚନା ଦେଇଥିଲେ । ଉତରେଶ୍ୱରରେ ଏକ ସଙ୍ଗେ ଫୁଟ ଓଭରବ୍ରିଜ ସହିତ ଲିପ୍ଟ କରାଯିବା ପାଇଁ ବସ୍ଷ୍ଟପ ନିକଟରେ ସ୍ଥାନ ନିରୁପଣ କରାଯିବା ସହିତ ତଳନଗର ବସ୍ଷ୍ଟପ ନିକଟରେ ମଧ ଏହାକୁ ନିର୍ମାଣ ପାଇଁ ସ୍ଥାନ ନିରୁପଣ କରାଯାଇଥିଲା । ଏହି ସମୟରେ ଲୋକନାଥ ରାଉତ, ସ୍ମୃତିରଂଜନ ମହାନ୍ତି, କାଉନସିଲର ସାହେବ ଖାନ କାଦ୍ରୀ, ରମେଶ ସିଂହ, ପବିତ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାମିନରେ ଗଲେ କୁଲଡିଆ ରେଞ୍ଜର ସୁବ୍ରତ ବେହେରା

ନୀଳଗିରି(ନିପ୍ର): ଗାଡି ଓଭରଟେକ ଟକକୁ ନେଇ କୁଲଡିହା ତତ୍କାଳୀନଭାରପ୍ରାପ୍ତ କୁଲ ଡିଆ ରେଞ୍ଜର ସୁବ୍ରତ ବେହେରା ଓ ବାଲେଶ୍ୱର ବନଖଣ୍ଡ କାର୍ଯ୍ୟାଳୟ ପରେ ଅବସ୍ଥାପିତ ଫରେଷ୍ଟଗାର୍ଜ ଗାର୍ଡ ପଦ୍ମଲୋନ ପାତ୍ରଙ୍କ ମଧ୍ୟରେ ଉପୁଜିଥିବା ବିବାଦକୁ ନେଇ ବରହମପୁର ଥାନାରେ ଏତଲା ଏବଂ ପ୍ରତି ଏତଲା ରୁଜୁ ହୋଇଥିଲା । ଯାହାକୁ ନେଇ ବିବାଦୀୟ ରେଞ୍ଜର ଙ୍କୁ ଗିରଫ କରିବାକୁ ବରହମପୁର ଥାନାର ତତ୍କାଳୀନ ଆଇ ଆଇ ସି ପ୍ରେମଦା ନାୟକ ଟାଳଟୁଳ ନୀତି ଅବଲମ୍ବନ କରିଆସୁଥିଲେ । ଆଇ ଆଇ ସି ପ୍ରେମଦା ନାୟକଙ୍କ ବଦଳି ହେବାପରେ ଏହାର ସୁଯୋଗନେଇ ରେଞ୍ଜର ଶ୍ରୀ ବେହେରା ମାନ୍ୟବର ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଆଗୁଆ ଜାମିନ ଆଦେଶପ୍ରାପ୍ତ ପରେ ନୀଳଗିରିର ମାନ୍ୟବର ଏସ୍ ଡି ଜେ ଏମ୍ ଙ୍କ ଅଦାଲତରେ ୨୨ ଜୁଲାଇରେ ଜାମିନରେ ଯାଇଛନ୍ତି । ତେବେ ଅଭିଯୁକ୍ତ ଭାରପ୍ରାପ୍ତ ରେଞ୍ଜର ନାମରେ ବହୁ ମୋକଦ୍ଦମା ଏବେବି ବିଭିନ୍ନ ଥାନାରେ ପଡିରହିଛି । ବେଳେ ସେ ପୁଣି କେବେ ଜାମିନରେ ଯିବେ ନା ପୋଲିସ ତାଙ୍କୁ ଗିରଫକରିବ ତାକୁ ନେଇ ଦ୍ୱନ୍ଦ ଦେଖାଦେଇଛି । ପୂର୍ବରୁ ଆଠଗଡରେ ରେଞ୍ଜର ଥିବା ବେଳେ ଏକ ହତ୍ୟା ମାମଲାରେ ଜେଲଯାଇ ଫେରି ଥିବା ବେଳେ ତାହା ବିଚାରାଧୀନ ଥିବାବେଳେ ତାଙ୍କ ନାମରେ ଗୋଟାଏ ପରେ ମୋକଦ୍ଦମା ଯୋଡ଼ି ହୋଇ ଚାଲିଛି । ଏଭଳି ବିବାଦୀୟ ଭାରପ୍ରାପ୍ତ ରେଞ୍ଜରଙ୍କ ପ୍ରତି ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଧିରେଧିରେ ଜନଅସନ୍ତୋଷ ବୃଦ୍ଧି ପାଇଥିବା ଦେଖା ଦେଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଶିକାରୀମାନଙ୍କୁ ଗିରଫକରିବା ଓ ସେମାନଙ୍କ ମୋବାଇଲକୁ ଜବତ କରି ସେହି ମୋବାଇଲ ନମ୍ବରରୁ ହ୍ୱାଟସଫ କ୍ରିଏଟକରି ନୀଳଗିରିର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ପଠାଇବା ଏବଂ ରତିକାନ୍ତ ପରିଡ଼ା ନାମକ ଜୈନିକ ସୂଚନାକର୍ମୀଙ୍କ ଜାଲ ଦସ୍ତଖତ ଓ ଭୋଟର ପରିଚୟ ପତ୍ର କୁ ସଂଯୋଗକରି ପୂର୍ବର ଡି ଏଫ୍ ଓ ପ୍ରଫୁଲ୍ଲ ମଲ୍ଲିକଙ୍କ ବିରୋଧରେ ନାନାଦି ସମ୍ବେଦନଶୀଳ ବାର୍ତାପଠାଇ ଶ୍ରୀ ପରିଡ଼ାଙ୍କ ସଂପୃକ୍ତି ନେଇ ଅପପ୍ରଚାର କରିବା କାରଣରୁ ଗତ ୨୬.୪.୨୦୨୬ ତାରିଖରେ ବରହମପୁର ଥାନାରେ ଶ୍ରୀ ପରିଡା ଏତଲା ଦେବାସହିତ ଡିଏଫଓଙ୍କ ଠାରେ ଅଭିଯୋଗ କରିଥିଲେ । ଶ୍ରୀ ପରିଡ଼ାଙ୍କ ଅଭିଯୋଗ ମୂଳେ ଡି ଏଫ୍ ଓ ଏସିଏଫ୍ ?ଓ ତଟିନୀ ସେଠୀଙ୍କୁ ତଦନ୍ତ କରିବାକୁ ଦାୟୀତ୍ୱ ଦିଆଯାଇଛି । ଅଭିଯୋଗ ଭିତିରେ ଶ୍ରୀ ପରିଡ଼ାଙ୍କୁ ଡକାଯାଇ ଏସସିଏଫ୍ ତଟିନୀ ସେଠୀ ତଦନ୍ତକରିଥିବା ବେଳେ ଏ ପର୍ଯ୍ୟନ୍ତ ଅନ୍ୟ ପକ୍ଷକୁ ଡ଼କାଯାଇ ତଦନ୍ତନ କରି ମାସମାସ ଗଡ଼ାଇ ଚାଲିବା କେଉଁଠି ନା କେଉଁଠି ତଦନ୍ତକୁ ବାଟବଣା କରିବାର ଯୋଜନା କରୁଥିବା ରତିକାନ୍ତ ପରିଡା ଅଭିଯୋଗ କରିଛନ୍ତି । କିଚକ ବାହୁବଳେ ବିରାଟ ରାଜା' ଭଳି ରେଞ୍ଜର ସୁବ୍ରତ କୁମାର ବେହେରାଙ୍କ ଉପର ମହଲାରେ ହାତଥିବାରୁ ଘଟଣାକୁ ଚାପି ଦେବାକୁ ଷଡ଼ଯନ୍ତ୍ର କରାଯାଉଥିବା ଶୁଣିବାକୁ ମିଳେ । ତେବେ କେବେ ସରିବ ତଦନ୍ତ, ଦୋଷୀଙ୍କ ବିରୁଦ୍ଧରେ କେବେ ହେବ କାର୍ଯ୍ୟାନୁଷ୍ଠନ ତାକୁ ନେଇ ନୀଳଗିରିର ଚର୍ଚ୍ଚା ହେଉଛି ।

# ଉଦୟନାଥ ମହାବିଦ୍ୟାଳୟ ପାଠାଗାର ପରିଦର୍ଶନ କଲେ ବିଧାନସଭା ପାଠାଗାର କମିଟି

କଟକ(ନିପ୍ର): ଓଡ଼ିଶା ବିଧାନସଭାର ପାଠାଗାର କମିଟି ଆଜି ଅଡଶପୁର ସ୍ଥିତ ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ପାଠାଗାର ପରିଭ୍ରମଣ କରିଛନ୍ତି । ପାଠାଗାର କମିଟିର ଚେୟାରମ୍ୟାନ ଆକାଶ ଦାସ ନାୟକଙ୍କ ସମେତ ପଚିଶରୁ ଉର୍ଦ୍ଧ୍ୱ ବିଧାୟକ ଓ ସେମାନଙ୍କ ସହ ବିଧାନସଭାର ପାଠାଗାରର ଚାଳିଶ ଜଣ ସହାୟକ ଅଧିକାରୀ ମହାବିଦ୍ୟାଳୟ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ତ୍ରିଲୋଚନ କାନୁନଗୋଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ମହାବିଦ୍ୟାଳୟର ଗୋଦାବରୀଶ ମିଶ୍ର କେନ୍ଦ୍ରୀୟ ପାଠାଗାରର ଇ ଲାଇବ୍ରେରୀ, ଅତ୍ୟାଧୁନିକ ପଠନ କକ୍ଷ ପରିଦର୍ଶନ କରି ବିଧାୟକମାନେ ଭୂୟସୀ ପ୍ରଶଂସା




କରିଥିଲେ । ଏହି ଅବସରରେ ପାଠାଗାର ପରିସରରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ବିଧାନସଭା ପାଠାଗାର ସମିତିର ଚେୟାରମ୍ୟାନ ଶ୍ରୀଯୁକ୍ତ ଆକାଶ ଦାସ ନାୟକ ଓ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଅଭିଭାଷଣ ଦେଇ ମହାବିଦ୍ୟାଳୟର ପରିସର ଓ ପାଠପଢାର ପ୍ରଶଂସା କରିଥିଲେ । ଏହି ସଭାରେ ମହାବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଅଗସ୍ତି ମହାନ୍ତି, ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ, ପରିଚାଳନା ସମିତିର ସଭ୍ୟ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପ୍ରାଣବନ୍ଧୁ ତ୍ରିପାଠୀ, ପ୍ରଫେସର ଲୟୋଦର ପ୍ରସାଦ ସିଂ, ପ୍ରଫେସର ନିବେଦିତା ଜେନା, ପ୍ରଫେସର ଜୟନ୍ତୀ ଦୋରା ପ୍ରମୁଖ ଉପସ୍ଥିତ ଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ଲୁଲୁମୀନା ଦାସ ସ୍ୱାଗତ ଅଭିଭାଷଣ ଦେଇ ମହାବିଦ୍ୟାଳୟକୁ ଏକ ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ବିଧାୟକମାନଙ୍କର ସହଯୋଗ କାମନା କରିଥିଲେ । ଓଡ଼ିଆ ସାହିତ୍ୟ ବିଭାଗର ଅଧାପିକା ଡ କବିତା ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟା ଡ ହିରଣ୍ମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରେ ବିଧାନସଭା କମିଟିର ସଦସ୍ୟମାନେ ମହାବିଦ୍ୟାଳୟର ସୂର୍ଯ୍ୟଘଡି, ଅତ୍ୟାଧୁନିକ କୌଶଳରେ ନିର୍ମିତ ସନ୍ତରଣ ପୁଷ୍କରିଣୀ, ହେରିଟେଜ ହଲ୍ ଓ ଷ୍ଟାଡିୟମ ବୁଲି ଦେଖିଥିଲେ । ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଓ ସମସ୍ତ ଅଧାପକ, ଅଧାପିକା ଓ ଛାତ୍ର ଛାତ୍ରୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା ।





## ୬୬ତମ ଓଡ଼ିଶା ରାଜ୍ୟ ଜୁନିୟର ଓ ସବ୍-ଜୁନିୟର ସନ୍ତରଣ ପ୍ରତିଯୋଗିତାରେ ବ୍ରହ୍ମପୁରର ସ୍ତୁତି ସୁବୁଦ୍ଧିଙ୍କୁ ସ୍ୱର୍ଣ୍ଣ ପଦକ ପ୍ରାପ୍ତି

ବ୍ରହ୍ମପୁର(ନି.ପ୍ର.) : ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ଆକ୍ୱାଟିକ୍ ସେଂଟରରେ ଆୟୋଜିତ ୬୬ତମ ଓଡ଼ିଶା ରାଜ୍ୟ ଜୁନିୟର ଓ ସବ୍-ଜୁନିୟର ସନ୍ତରଣ ପ୍ରତିଯୋଗିତା–୨୦୨୬ ରେ ବ୍ରହ୍ମପୁରର ଉଦୀୟମାନ ସନ୍ତରଣ ପ୍ରତିଭା ସ୍ତୁତି ସୁବୁଦ୍ଧି ଚମତ୍କାର ପ୍ରଦର୍ଶନ କରି ଗାର୍ଲ୍ସ–ଓଓ (୧୩–୧୪ ବର୍ଷ) ବର୍ଗର ୨୦୦ ମିଟର ବଟରଫ୍ଲାଇ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।ମହାତ୍ମା ଗାନ୍ଧୀ ଷ୍ଟାଡିୟମ, ବ୍ରହ୍ମପୁରରେ ନିୟମିତ ପ୍ରଶିକ୍ଷଣ ନେଉଥିବା ସ୍ତୁତିଙ୍କ ଏହି ସଫଳତା ତାଙ୍କର କଠିନ ପରିଶ୍ରମ, ନିଷ୍ଠା, ଶୃଙ୍ଖଳା ଓ ଅଦମ୍ୟ ଇଚ୍ଛାଶକ୍ତିର ପ୍ରତିଫଳନ । ଏହି ବିଜୟ ଗଞ୍ଜାମ ଜିଲ୍ଲା ଏବଂ ବ୍ରହ୍ମପୁର ପାଇଁ ଗର୍ବର ବିଷୟ ପାଲଟିଛି । ଜିଲ୍ଲା ଆକ୍ୱାଟିକ୍ ସଂଘର ସମ୍ପାଦକ କେ. ମନୋଜ ପ୍ରଧାନ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି ।ସ୍ତୁତିଙ୍କ ଏହି ସଫଳତା ପଛରେ ପ୍ରଶିକ୍ଷକ ଗଣେଶ ମହାରଣା




ଏବଂ ସମଗ୍ର କୋଚିଂ ଟିମ୍?ର ନିରନ୍ତର ପ୍ରୟାସ ଓ ସହଯୋଗ ଉଲ୍ଲେଖନୀୟ ରହିଛି । ଟିମ୍ ମ୍ୟାନେଜର ଆୟୁଶ୍ରୀ ସେଠୀସୁଚାରୁ ପରିଚାଳନା ଭାର ତୁଲାଇଥିଲେ । ଭବିଷ୍ୟତରେ ସ୍ତୁତି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏବଂ ଭାରତ ପାଇଁ ଆହୁରି ଗୌରବ ଆଣିବେ ବୋଲି କୋଚ୍, କ୍ରୀଡ଼ାପ୍ରେମୀ, ଅଭିଭାବକ ଓ ସନ୍ତରଣ ମହଲ ଆଶା ପ୍ରକାଶ କରିଛନ୍ତି ।

## ଭତା, ରାସନ୍ କାର୍ଡ ସମେତ ୯ ଦଫା ଦାବି ନେଇ ମାନବ ଅଧିକାର ସୁରକ୍ଷା ମଂଚର ଦାବିପତ୍ର

ବ୍ରହ୍ମପୁର(ନି.ପ୍ର.): ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଂଚ ପକ୍ଷରୁ ଆଜି ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମଂଚ ଆବାହକ ତଥା ଆଇନଜୀବୀ ଅବନୀ ଗୟାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କମିଶନରଙ୍କ ଅନୁପସ୍ଥିତିରେ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ାଙ୍କୁ ଭେଟି ବ୍ରହ୍ମପୁର ସହରରେ ଦୀର୍ଘଦିନ ଧରି ଲାଗି ରହିଥିବା ମୌଳିକ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଦାବି କରିଛନ୍ତି । ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତାର ରାଶି ତୁରନ୍ତ ବୃଦ୍ଧି କରିବା, ଗତ ୨ ବର୍ଷ ଧରି ସ୍ଥଗିତ ଥିବା ପ୍ରାୟ ପାଂଚ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ତୁରନ୍ତ ଭତା ପ୍ରଦାନ କରିବା, ଦୀର୍ଘ ମାସ ଧରି ଅପେକ୍ଷା କରିଥିବା ଆବେଦନକାରୀଙ୍କୁ ତୁରନ୍ତ ରାସନ୍ କାର୍ଡ ଦିଆଯିବା, କୋଭିଡ ସମୟରେ ବିନା ମୁନିସପାଲ କାଉନସିଲରେ ବୃଦ୍ଧି କରାଯାଇଥିବା ଘର ଟିକସକୁ ପ୍ରତ୍ୟାହାର କରିବା, ସହରରେ ମୃତ ପଶୁଙ୍କ ଶରୀର ଦହନ ନିମନ୍ତେ ବୈଦ୍ୟୁତିକ ଦହନ ଯନ୍ତ୍ର ସ୍ଥାପନ କରିବା,ବ୍ରହ୍ମପୁର ସହର ବାହାରେ ଅବସ୍ଥିତ ବିଭିନ୍ନ ଗୋଶାଳକ୍ଷ ରେ ସିସି ଟିଭି ଲଗାଇ ପଶୁଙ୍କ ଯତ୍ନ ଓ ସୁରକ୍ଷାର ନିୟମିତ ତଦାରଖ କରାଯିବା,ପରିବେଶ ଓ



ପଶୁଙ୍କ ଜୀବନ ରକ୍ଷା ପାଇଁ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା,ବ୍ରହ୍ମପୁରର ଗର୍ବ ତଥା ପୂର୍ବତନ ରାଷ୍ଟ୍ରପତି ଡ. ବରାହାଗିରି ଭେଙ୍କଟ ଗିରିଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତି ଗିରିରୋଡ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାପନ କରିବା,ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତି ସ୍ଥାପନ କରିବା ଆଦି ୯ ଗୋଟି ପ୍ରମୁଖ ଦାବୀ ଉପସ୍ଥାପନ କରଯାଇଛି କ୍ଷ ସୂଚନା ଯୋଗ୍ୟ ଯେ, ଡ. ବି.ଭି.ଗିରି ଭାରତର ଚତୁର୍ଥତମ ରାଷ୍ଟ୍ରପତି ଥିଲେ କ୍ଷ ବ୍ରହ୍ମପୁରର ସନ୍ତାନ ତଥା ବ୍ରହ୍ମପୁର ଗର୍ବ ବୋଲି ସେ ଜନ ମାନସରେ ପରିଚିତ କ୍ଷ ସେ ଭାରତର ସବୁଠାରୁ ବଡ ଶ୍ରମିକ ନେତାମାନଙ୍କ ମଧ୍ୟରୁ ଜଣେ । ସେ ସର୍ବ ଭାରତୀୟ ଟ୍ରେଡ୍ ୟୁନିଅନ କଂଗ୍ରେସର ସଭାପତି ଥିଲେ । ଗାନ୍ଧୀଜୀଙ୍କ ଆଦର୍ଶରେ ପ୍ରଭାବିତ ହୋଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ କ୍ଷ ମାଡ୍ରାସ ପ୍ରେସିଡେନ୍ସିରେ ଶ୍ରମ, ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଥିଲେ । ସେ ଉତର ପ୍ରଦେଶ, କେରଳ ଓ ମହୀଶୂରର ରାଜ୍ୟପାଳ ଭାବେ କାମ କରିଥିଲେ । ଓଡ଼ିଶାର ଲୋକଙ୍କ ସମସ୍ୟାକୁ ସେଠାରେ ବି ଉଠାଉଥିଲେ । ଭାରତରେ ଶ୍ରମ ଆଇନ ଓ ଶ୍ରମିକଙ୍କ ଅଧିକାର ପାଇଁ ସେ ଯେଉଁ କାମ କଲେ ତାହାର ଫାଇଦା ବ୍ରହ୍ମପୁର ବୁଣା ଶ୍ରମିକ ଓ କାରଖାନା ଶ୍ରମିକମାନେ ବି ପାଇଥିଲେ କ୍ଷ ୧୯୬୯ ରେ ସେ ଭାରତର ମହାମହିମ ରାଷ୍ଟ୍ରପତି ହୋଇଥିଲେ । ଜଣେ ଓଡ଼ିଆ ଭାବେ ସମଗ୍ର ଦେଶର ସର୍ବୋଚ୍ଚ ପଦବୀକୁ ଯାଇ ବ୍ରହ୍ମପୁରର ନାମ ଉଜ୍ଜ୍ୱଳ କରିଥିଲେ । ଡ. ଗିରି ବ୍ରହ୍ମପୁରକୁ ଦେଶ ଓ ବିଶ୍ୱର ମାନଚିତ୍ରରେ ପହଂଚାଇଲେ କ୍ଷ ତାଙ୍କ ନାମରେ ବ୍ରହ୍ମପୁର ସହରରେ ସ୍କୁଲ ଓ ରାସ୍ତା ଅଛି ସତ ହେଲେ ତାଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତି ନିହାତି ଆବଶ୍ୟକ ବୋଲି ମଂଚ ପ୍ରତିନିଧି ମାନେ ଆଜି ଯୁକ୍ତି ବାଢିଥିଲେ କ୍ଷ ଆଜି ମଂଚର ପ୍ରତିନିଧି ଦଳରେ ସମ୍ପାଦକ ଆଂ. ସତ୍ୟ ନାରାୟଣ ରାଓ,ଉପଦେଷ୍ଟା ସକ୍ଷଲକ୍ଷ କେଶବ ଲିଙ୍ଗମ,ସମାଜସେବୀ ମନୋଜ କୁମାର ତରାଇ, ଆପ୍ ନେତା ଆଦିତ୍ୟ ନାରାୟଣ ରଥ, କିଶୋର ଚନ୍ଦ୍ର ପାତ୍ର, ଗୁଣନିଧି ବେହେରା,ମହେଶ୍ୱର ବାଡତ୍ୟା, ପୂଜ୍ୟ ପୂଜା ସମିତି ସମ୍ପାଦକ ଏସ. ସାୟଶିବା ରାଓ, ଜୟକୃଷ୍ଣ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଜିଲ୍ଲା ଜୁନିୟର ରେଡ କ୍ରସ ଶାଖା,ଝାରସୁଗୁଡାର କାଉନସେଲର ମାନଙ୍କ ବ୍ଲକ ସ୍ତରୀୟ ଆଭିମୁଖ୍ୟ କାର୍ଯ୍ୟକ୍ରମ

ଝାରସୁଗୁଡା (ନି.ପ୍ର.):- ଆଜି ସକାଳ ୧୧ ଟା ସମୟରେ ଝାରସୁଗୁଡା ଜିଲ୍ଲା ଜୁନିୟର ରେଡ କ୍ରସ ଶାଖା ତଥା ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜୁନିୟର ରେଡ କ୍ରସ କାଉନସେଲର ମାନଙ୍କ ବ୍ଲକ ସ୍ତରୀୟ ଆଭିମୁଖ୍ୟ କାର୍ଯ୍ୟକ୍ରମ ଲଖନପୁର ବ୍ଲକ ସ୍ଥିତ ଆଂଚଳିକ ଉଚ୍ଚ ବିଦ୍ୟାଳୟ ଖଇରକୁନି ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡା ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଲଖନପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଶାନ୍ତ ବେହେରା, ଜିଲ୍ଲା ଜୁନିୟର ରେଡ କ୍ରସ ଅଫିସର ବବନ ସିଂ, ସୁରଜ ପଟେଲ ଏବଂ ସ୍ଥାନୀୟ ବିଦ୍ୟାଳୟରର ପ୍ରଧାନ ଶିକ୍ଷକ ଲୋକେଶ୍ୱର ସେଠ ଉପସ୍ଥିତ ଥିଲେ କ୍ଷ ସର୍ବ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରା ଯାଇଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପର୍ଯ୍ୟବେକ୍ଷଣ କରାଯାଇଥିଲା କ୍ଷ ମୁଖ୍ୟ ଅତିଥି ଶ୍ରୀ ମାଝୀ ନିଜର ଅଭିଭାଷଣରେ ବିଦ୍ୟାଳୟ ସ୍ତରରେ ଜୁନିୟର ରେଡ କ୍ରସ କେମିତି ସୁସଂଗଠିତ ହେବ ଏବଂ ପିଲା ମାନେ ସମାଜ ସେବା ପ୍ରତି କିପରି ପ୍ରେରିତ ହେବେ ତାହା ଶିକ୍ଷା ଦେବା ପାଇଁ ସମସ୍ତ ଶିକ୍ଷକ ମାନଙ୍କୁ ଆହ୍ୱାନ ଦେଇଥିଲେ କ୍ଷ ଜୁନିୟର ରେଡ୍ କ୍ରସ୍ ହେଉଛି ବିଶ୍ୱବ୍ୟାପୀ ରେଡ୍ କ୍ରସ୍ ସଂଗଠନର ଏକ ଯୁବ ଶାଖା, ଯାହା ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସେବାଭାବ ଏବଂ ମାନବିକତା ଜାଗ୍ରତ କରିବା ପାଇଁ କାର୍ଯ୍ୟ କରିଥାଏ । ?ବିଦ୍ୟାଳୟଗୁଡ଼ିକରେ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ଚଲାଇବା ପାଇଁ କାଉନସେଲର ମାନଙ୍କ ଭୂମିକା କଣ ରହିବ ସେ ବିଷୟରେ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆ ଯାଇଥିଲା ଓ ଏହି କାର୍ଯ୍ୟକ୍ରମର ସୁଚାରୁ ପ୍ରଶିକ୍ଷଣ ପାଇଁ ଜିଲ୍ଲା ଜୁନିୟର ରେଡ କ୍ରସ ଅଫିସର ବବନ ସିଂ ପ୍ରଶିକ୍ଷକ ଭାବେ ଦିଲ୍ଲୀପ ସାହୁ,ଦିବ୍ୟରଞ୍ଜନ କୁମ୍ଭାର, ପଂଚାନନ ପାଣିଗ୍ରାହୀ, ମହେନ୍ଦ୍ର ପ୍ରଧାନ ରହିଥିଲେ କ୍ଷଜୁନିୟର ରେଡ କ୍ରସ କାଉନସେଲର କୁଶ ସା ମଂଚ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକ୍‌ସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ନୂଆପଡ଼ା,(ନି.ପ୍ର):ଜିଲ୍ଲା ସାମାଜିକ କଲ୍ୟାଣ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନୂଆପଡ଼ା ଓ ଖଡ଼ିଆଳ ବ୍ଲକ ପ୍ରଶାସନ ର ମିଳିତ ଆନୁକୁଲ୍ୟରେ ଖଡ଼ିଆଳ ବ୍ଲକ ସ୍ତରୀୟ ସାମର୍ଥ୍ୟ ଶିବିର ୨୦୨୬-୨୭ ଖଡ଼ିଆଳ ପୁଟୁପଡ଼ା ସ୍ଥିତ ବହୁମୁଖୀ ମଣ୍ଡପ ଠାରେ ଆୟୋଜନ ହୋଇଯାଇଛି । ଖଡ଼ିଆଳ ବିଡିଓ ମିଲନ ଝାଙ୍କାର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ପଂଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ସମ୍ମାନୀତ ଅତିଥି ଭାବେ ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି,ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ କୁମାର ନନ୍ଦ,ଖଡ଼ିଆଳ ଉପଖଣ୍ଡ ଇନ୍ ଚାର୍ଜ ଡାକ୍ତର ରଞ୍ଜିତ କୁମାର ରାଉତ,ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିରେଖା ନନ୍ଦ,ଭିନ୍ନ କ୍ଷମ ଆସୋସିଏସନ ସମ୍ପାଦକ ଦିଲ୍ଲୀପ ଷଡ଼ଙ୍ଗୀ,ଜିଲ୍ଲା ପରିଷଦ ସଦସ୍ୟ



ଦ୍ୱୟ ଚିତରଞ୍ଜନ ବେହେରା ଓ ମାଲ୍ୟବନ୍ତ ସୁନା, ଅତିରିକ୍ତ ଇଓ କ୍ଷମାନିଧି ଭୁଏ , ବିଏସଏସଓ କୁମର ମାଝୀ ପ୍ରମୁଖ ମଂଚାସୀନ ରହିଥିଲେ । ବିଆରଟି ବିଭୂତି ଭୂଷଣ ବିଶି ମଂଚ ପରିଚାଳନା କରିଥିଲେ । ଅତିଥି ମାନେ ପ୍ରଥମେ ଭୀମ ଭୋଇଙ୍କ ପ୍ରତିମୁର୍ତିରେ ମାଲ୍ୟାର୍ପଣ କଲାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ଶିବିରରେ ଅସ୍ଥିଶଲ୍ୟରେ ୫୭ ଜଣ, ବସପାସରେ ୪୨ ଜଣ, ମାନସିକ ଅଗ୍ରସରତାରେ ୧୦ ଜଣ, ସିକଲସେଲରେ ୫ ଜଣ,ଶ୍ରବଣ ବାଧିତରେ ୧୫ ଜଣ,ଦୃଷ୍ଟି ବାଧିତରେ ୧୫ ଜଣ, ପେନସନ ଭତାରେ ୩୫ ଜଣ ସର୍ବମୋଟ ୧୭୯ ଜଣ ପଞ୍ଜିକରଣ କରିଥିଲେ । ଏହି ଶିବିରରେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରୁ ସହଯୋଗ କରିବା ପାଇଁ ୧୫ ଜଣ ଶିକ୍ଷକ ଶିକ୍ଷୟତ୍ରୀ ପଞ୍ଜି କରଣ କାର୍ଯ୍ୟରେ ସହାୟତା କରିଥିଲେ । ଶିବିରରେ ନୂଆପଡା ଜିଲ୍ଲାର ଡାକ୍ତର ମାନେ ଆସି ଚିକିତ୍ସା କରିଥିଲେ । କାର୍ଯ୍ୟକ୍ରମ ଚିତରଞ୍ଜନ ବନଗୋଲା, ବିକାଶ ରଞ୍ଜନ କଛିଆ ସମେତ ବ୍ଲକ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

## ବାହାନଗା ବ୍ଲକ ରେ ୬ଲକ୍ଷ ୯୫ହଜାର ୩ ଶହ ଟଙ୍କା ଅର୍ଥ ଆତ୍ମସାତ ରେ କାର୍ଯ୍ୟାନୁଷ୍ଠାନ

ନୀଳଗିରି, (ନି.ପ୍ର): ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବାଲେଶ୍ୱର ଜିଲ୍ଲା ବାହାନଗା ପଂଚାୟତ ସମିତି ର ହିସାବ ଉପରେ ନିର୍ଦ୍ଦେଶାଳୟ, ସ୍ଥାନୀୟ ପାଣ୍ଠି ଅଡିଟ୍ କରି ୬ଲକ୍ଷ ୯୫ହଜାର ୩ ଶହ ଟଙ୍କା ଅର୍ଥ ଟଙ୍କା ନଗଦ ଆତ୍ମସାତ ହୋଇଥିବା ରିପୋର୍ଟ ହୋଇଛି । ମୋଟ ଆତ୍ମସାତ ଅର୍ଥ ମଧ୍ୟରୁ ୩ଲକ୍ଷ ୧୩ ହଜାର ୫ଶହ ଟଙ୍କା ପୂର୍ବରୁ ଆଦାୟ ହୋଇସାରିଛି ଏବଂ ଅବଶିଷ୍ଟ ୩ଲକ୍ଷ ୮୧ହଜାର ୮ଶହ ଟଙ୍କା ଆଦାୟ ହେବାକୁ ବାକି ଅଛି । ଅବଶିଷ୍ଟ ରାଶିର ଦାୟିତ୍ୱ କୁ ଜିଆରଏସ ସୁଶାନ୍ତ କୁମାର ପାଣିଗ୍ରାହୀ ଙ୍କୁ ୨୨୦୦,ଏସିପି ଶଶିକାନ୍ତ ପରିଡାଙ୍କୁ ୪ହଜାର, ପିଇଓ ଏଲିଜାରାଣୀ ହାଂସଦା ଙ୍କୁ ୮୯ ହଜାର ୩ଶହ, ପିଇଓ ଯଶୋଦା ନାୟକଙ୍କୁ ୨ ଲକ୍ଷ ୮୫ହଜାର ୩ ଶହ,ପିଇଓ ଚଂଚଳା ମହାଳିକଙ୍କୁ ଏକ ହଜାରଟଙ୍କା କୁ ଉକ୍ତ ତ୍ରୁଟିଯୁକ୍ତ ଅଧିକାରୀଙ୍କଠାରୁ ପୂର୍ବୋକ୍ତ ଆତ୍ମସାତ ଅର୍ଥ ଆଦାୟ ପାଇଁ ଯଥାଶୀଘ୍ର ଉପଯୁକ୍ତ ପଦକ୍ଷେପ ନେଇ ଅଧସ୍ତାକ୍ଷରୀଙ୍କୁ ଜଣାଇବା ପାଇଁ ଅନୁରୋଧ କରାଯାଇଥିବା ସୂଚନା ମିଳିଛି । ଏନେଇ ପଂଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ, ପଂଚାୟତିରାଜ ଓ ପାନୀୟଜଳ ବିଭାଗ, ନିର୍ଦ୍ଦେଶକ, ବାଲେଶ୍ୱର ଜିଲ୍ଲାପାଳ,ବାଲେଶ୍ୱର ଜିଲ୍ଲା ପରିଷଦ, ନିର୍ଦ୍ଦେଶକ, ଭୁବନେଶ୍ୱର ଓ ଡିପିଓ ବାଲେଶ୍ୱର ଙ୍କୁ ସୂଚନା ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପତ୍ର ପ୍ରେରଣ କରାଯାଇଥିବା ସୂଚନା ମିଳିଛି ।

## ଅଙ୍ଗନବାଡି ପିଲାଙ୍କ ଖାଦ୍ୟପରଖିଲା ଜିଲ୍ଲା ଆଇସିଡ଼ିଏସ ଷ୍ଟାଣ୍ଡିଙ୍ଗ କମିଟି

ନୀଳଗିରି(ନି.ପ୍ର):ଆଜି ଅପରାହ୍ନ ୩ ଟା ସମୟରେ ଜିଲ୍ଲା ପରିଷଦପକ୍ଷରୁ ଆସିଡ଼ିଏସ ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷା ସୁଷମା ମହାପାତ୍ର ଙ୍କ ନେତୃତ୍ୱରେ ନୀଳଗିରି ଏନଏସି ଅନ୍ତର୍ଗତ ୧ନମ୍ବର ୱାର୍ଡ କଦମ୍ବସାହି ଗ୍ରାମ ଥିବା ଶକ୍ତି ମୀରା ଏସେଚଜି ପକ୍ଷରୁଅଙ୍ଗନବାଡି ପିଲାଙ୍କ ପାଇଁ ପ୍ରସ୍ତୁତ ହେଉଥିବା ପ୍ରସ୍ତୁତି କେନ୍ଦ୍ର ରେ ପିଲା ,କିଶୋରୀ ବାଳିକା, ରକ୍ତ ହୀନତା ଓ ଗର୍ଭବତୀ ଖାଦ୍ୟ କୁ ଟିମ ଯାଂଚ କରିବା ସହିତ ଓଜନ ସଠିକି ଅଛି ନାହିଁ ମାପ କରିଥିଲେ । ପରେ ଉକ୍ତ ଟିମ ନୀଳଗିରି



ବ୍ଲକ ଅଧିନସ୍ଥ ବର ମପୁର ପଂଚାୟତ ଅନ୍ତର୍ଗତ ପୁନାସିଆ ଗ୍ରାମର ଥିବା ମା ମହିଷାସୁରି ଏସ ଏଚ ଜି ଗ୍ରୁପ ପକ୍ଷରୁଅଙ୍ଗନବାଡି ପିଲାଙ୍କ ପାଇଁ ପ୍ରସ୍ତୁତ ହେଉଥିବା କେନ୍ଦ୍ର ରେ ଖାଦ୍ୟ କୁ ଟିମ ଯାଂଚ କରିବା ଓ ଜନ ସଠିକି ଅଛି ନାହିଁମାପ କରିଥିଲେ ।ପ୍ରସ୍ତୁତ ହେଉଥିବା ୨ଟିସେଂଟରର ମାନ ଓ ଓଜନ ଠିକି ଥିବା ଆସିଡ଼ିଏସ ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷା ଶ୍ରୀମତୀ ସୁଷମା ମହାପାତ୍ର କହିଥିଲେ ଯେହେତୁ ଛୋଟ ପିଲାଖାଦ୍ୟ ଖାଉଛନ୍ତି ଆଉ ଟିକିଏ ସ୍ୱାସ୍ଥ୍ୟକର ହେବା ଆବଶ୍ୟକ ବୋଲି କହିଛନ୍ତି ।ଉକ୍ତ ଟିମରେ ଜିଲ୍ଲା ପରିଷଦ ସଭ୍ୟା ତଥା ସଭ୍ୟ ରଶ୍ମୀତାମହାପାତ୍ର,ଜିଲ୍ଲା ପରିଷଦ ସଭ୍ୟ ତଥା କମିଟିର ସଦସ୍ୟ ନରେନ୍ଦ୍ର ମହାପାତ୍ର, ନୀଳଗିରି ବ୍ଲକ ଅଧକ୍ଷା ତଥା ସଭ୍ୟ ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀଙ୍କ ସମେତ ସୁପରଭାଇଜର ସନ୍ଧ୍ୟା ରାଣୀ ପଳେଇ,ଚନ୍ଦ୍ରକାନ୍ତି ବେହେରା,ମହିଶାସୁରୀ ଏସ ଏଚ ଜି ଗ୍ରୁପ ର ସଭା ନେତ୍ରୀ ଅନିତା ନାୟକ ଓ ଶକ୍ତିମୀରା ର ସମ୍ପାଦିକା ରଜନୀ ମହାନ୍ତି ସମେତ ସଦସ୍ୟାମାନେ ଉପସ୍ଥିତ ଥିଲେ ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେଲା ସେବି-ଏନଏସଇ ମିଳିତ ନିବେଶକ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,: ଆର୍ଥିକ ସାକ୍ଷରତାକୁ ମଜବୁତ କରିବା ଲକ୍ଷ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ବୁଧବାର ଦିନ ଏକ ନିବେଶକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ ସେବି ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଏନଏସଇର ମିଳିତ ସହଯୋଗରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଗବେଷକ ଓ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯୁବପିଢ଼ି ମଧ୍ୟରେ ସୁରକ୍ଷିତ ନିବେଶ ସମ୍ପର୍କିତ ଜ୍ଞାନ ବୃଦ୍ଧି କରିବା ଏବଂ ଆର୍ଥିକ ଠକେଇରୁ ସଚେତନ କରିବା ।ଏହି ଅବସରେ ସେବିର ଡେପୁଟି ଜେନେରାଲ ମ୍ୟାନେଜର ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ



ଯୋଗଦେଇଥିଲେ । ସେ ନିବେଶକଙ୍କ ଅଧିକାର ଓ ସୁରକ୍ଷା, ସାଇବର ଠକେଇରୁ କିପରି ବର୍ତିବେ ଏବଂ କେବଳ ପଞ୍ଜୀକୃତ ସଂସ୍ଥା ମାଧ୍ୟମରେ ନିବେଶ କରିବାର ଆବଶ୍ୟକତା ଉପରେ ବିସ୍ତୃତ ଆଲୋଚନା କରିଥିଲେ ।ଏନଏସଇର ବିଶେଷଜ୍ଞ ଦଳ କାର୍ଯ୍ୟକ୍ରମରେ ପୁଞ୍ଜି ବଜାର କାର୍ଯ୍ୟପ୍ରଣାଳୀ, ମ୍ୟୁଚୁଆଲ ଫଣ୍ଡ, ସିଷ୍ଟେମାଟିକ ଇନଭେଷ୍ଟମେଂଟ ପ୍ଲାନ ଏସଆଇପି ଏବଂ ଡିଜିଟାଲ ନିବେଶ ପ୍ଲାଟଫର୍ମ ସମ୍ପର୍କରେ ପ୍ରାକ୍ଟିକାଲ ଉଦାହରଣ ସହ ଧାରଣା ଦେଇଥିଲେ । ଛାତ୍ରମାନେ ନିବେଶ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ସମାଧାନ ମଧ୍ୟ ପାଇଥିଲେ ।

କାର୍ଯ୍ୟକ୍ରମର ସମାପନ ଅବସରରେ ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ରବୀନ୍ଦ୍ର କୁମାର ସ୍ୱାଇଁ ସେବି ଓ ଏନଏସଇକୁ ଧନ୍ୟବାଦ ଜଣାଇଥିଲେ । ସେ କହିଲେ, ଏଭଳି କାର୍ଯ୍ୟକ୍ରମ ପାଠ୍ୟପୁସ୍ତକ ଜ୍ଞାନ ଏବଂ ବ୍ୟାବହାରିକ ଆର୍ଥିକ ସାକ୍ଷରତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ ।କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରହଣକାରୀଙ୍କୁ ନିବେଶ ସମ୍ବନ୍ଧୀୟ ସାମଗ୍ରୀ ମଧ୍ୟ ବିତରଣ କରାଯାଇଥିଲା ।

## କନ୍ଧ ମାଳରୁ ୧୨୯ ନିଖୋଜ ମହିଳା ଓ ୯ ଟି ଝିଅକୁ ପୋଲିସ ଉଦ୍ଧାର କଲା ଏସପି ରମେନ୍ଦ୍ର ପ୍ରସାଦ !

କନ୍ଧମାଳ (ନି.ପ୍ର ) କନ୍ଧମାଳ ଜିଲ୍ଲାରୁ ନିଖୋଜ ଥିବା ୧୨୯ ମହିଳା ଓ ୯ ଟି ଝିଅକୁ ପୋଲିସ ଉଦ୍ଧାର କରିଛି ବୋଲି ଏସ ପି ରମେନ୍ଦ୍ର ପ୍ରସାଦ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ! ରାଜ୍ୟ ଡିଜି ଙ୍କ ନିର୍ଦ୍ଧେଷିତ ଅନ୍ୱେଷା ୩ ଯୋଜନା ଅନୁଯାୟୀ ପୋଲିସ ନିଖୋଜ ମହିଳାଙ୍କୁ ଅକ୍ଳାନ୍ତ ପରିଶ୍ରମ କରି ଖୋଜିଥିଲେ ! ରାଜ୍ୟରେ ପୋଲିସ ସମସ୍ତ ଜିଲ୍ଲା ରେ ଏହି କାର୍ଯ୍ୟକ୍ରମ କରୁଛନ୍ତି ! ମାନବ ଓ ଯୁବତୀ ଚାଲାଣ ଅନ୍ତର୍ଭୁକ୍ତ ! ପୋଲିସ ୫ ଦିନ ମଧ୍ୟରେ ସର୍ବମୋଟ ୧୩୮ ଜଣଙ୍କୁ ଠାବ କରି ଉଦ୍ଧାର କରି ପାରିଛି ! ଏସ ପି ଙ୍କ ସିଧାସଳଖ ତତ୍ତ୍ୱାବଧାନରେ ଓ ନିର୍ଦ୍ଦେଶ କ୍ରମେ ବିଭିନ୍ନ ପୋଲିସଷ୍ଟେସନ କୁ ବିଭିନ୍ନ ଟିମ ଗଠନ କରଯାଇ ପଠାଯାଇଥିଲା ! ଇଂଟେରଷ୍ଟେଟ କୋଅର୍ଡିନେସନ, ଇଂଟେଲିଜେନ୍ସ ଟେକନିକ ଓ କ୍ଷେତ୍ର ପରିଦର୍ଶନ ଓ ତଦନ୍ତ କରି ପୋଲିସ ଏହି ସଫଳତା ପାଇଛି ! ଆଂଟି ହ୍ୟୁମାନ ଟ୍ରାକିଙ୍ଗ କରି, ଉଇଡଉଙ୍ଗ, ସ୍ଥାନୀୟ ପୋଲିସ ଅଫିସର ଙ୍କୁ ସାମିଲ କରାଯାଇ ପ୍ରତ୍ୟେକ ଟ୍ରାଞ୍ଜିଟ ପୋଏଂଟ, ସନ୍ଦେହଜନକ ଲକ୍ଷ୍ୟସ୍ଥଳ ଓ ସେଲଟର ହୋମ ଗୁଡ଼ିକରୁ ଏହି ବିବାହିତ ମହିଳା ଓ ଶିଶୁଙ୍କୁ ଉଦ୍ଧାର କର୍ଯାଇଛି !୧୩୮ ମଧ୍ୟରୁ ୯ ଟି କିଡନାପ କେଶ ଓ ୧୨୯ ଟି ମିସିଙ୍ଗ କେଶ ଦର୍ଜ ହୋଇଥିଲା !ସେମାନଙ୍କୁ ପତା କରିବାକୁ ଭୁବନେଶ୍ୱର, ନୟାଗଡ଼ ଓ କଳାହାଣ୍ଡି ଜିଲ୍ଲା ଙ୍କୁ ପୋଲିସ କୁ ପଠାଯାଇଥିଲା !ଫୁଲବାଣୀ ଟାଉନ ପୋଲିସ ୨୩ ଜଣ ମହିଳା ଓ ଗୋଟିଏ ଝିଅ କୁ ଉଦ୍ଧାର କରିଥିବା ବେଳେ,ଖଜୁରୀପଡା ପୋଲିସ ୨୪ ମହିଳା ଓ ୨ ଟି ଝିଅ,ଓ ଜିଲ୍ଲାର ଅନ୍ୟାନ୍ୟ ପୋଲିସଷ୍ଟେସନ ମିଳିତ ଭାବେ ମିଶି ଅବଶିଷ୍ଟ ମହିଳା ଓ ଶିଶୁ କୁ ଉଦ୍ଧାରକରିଛନ୍ତି !ଏହି ମହିଳା ଓ ଶିଶୁଙ୍କୁ କାଉନସେଲିଙ୍ଗ କରିବା ପରେ ବିଭିନ୍ନ ଆଇନଗତ ଚିନ୍‌ହଟ ସେଲଟର ହୋମ, ଓ ନିଜ ନିଜର ପରିବାରକୁ ହସ୍ତାନ୍ତର କରାଯାଇଛି !ଯଦି କୌଣସି ମହିଳା ଓ ଶିଶୁ ଶୋଷଣ, ହରଣ ଚାଲ, ହ୍ୟୁମାନ ଟ୍ରାକିଙ୍ଗ ହେଉଛି ତେବେ ନିକଟସ୍ଥ ପୋଲିସଷ୍ଟେସନ ରେ ଖବର ଦେବାକୁ ଏସପି ରମେନ୍ଦ୍ର ପ୍ରସାଦ ଜନସାଧାରଙ୍କୁ ଅନୁରୋଧ କରିଛନ୍ତି !

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଉଦ୍‌ଯାପିତ

ଭଦ୍ରକ (ନି.ପ୍ର.) ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆତ୍ମରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉଦଯାପନୀ ସମାରୋହରେ ସମାଜସେବୀ ତଥା ତ୍ୟାଗଭୂମିର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଅଜୟ ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଆତ୍ମରକ୍ଷା କୌଶଳ ତାଲିମ ଦ୍ୱାରା ଛାତ୍ରଛାତ୍ରୀମାନେ ନିଜକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ସମାଜକୁ ସଶକ୍ତ କରିବାରେ ସକ୍ଷମ ହେବେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଡଃ. କୃପାସିନ୍ଧୁ ନାୟକ, ସମ୍ମାନିତ ଅତିଥି ନାରାୟଣ ପ୍ରସାଦ ପାଢ଼ୀ, ଅକ୍ଷୟ କୁମାର ପାଣିଗ୍ରାହୀ ଓ




ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗଦାନ କରି ଆତ୍ମରକ୍ଷା କୌଶଳ ଶିକ୍ଷାଦ୍ୱାରା ମାନସିକ ବୃଦ୍ଧି ହେବା ସଂଗେ ସଂଗେ ସମାଜକୁ ସୁଧାରିବାରେ ସକ୍ଷମ ହେବ ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ୧୭ ରୁ ୨୩ ପର୍ଯ୍ୟନ୍ତ ଚାଲିଥିବା କାର୍ଯ୍ୟକ୍ରମର ପ୍ରଶିକ୍ଷିକା ମନେରେମା ରାଉତ ଓ ସଂଯୋଜିକା ପ୍ରଭାତୀ ନାୟକ ଛଅ ଦିନର ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ନୋଡାଲ ଅଫିସର ଅଧ୍ୟାପକ ଶୁକଦେବ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପକ ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସଭାକୁ ମଧୁସୁଦନ ତ୍ରିପାଠୀ, ରଘୁନାଥ ନାୟକ, ଗୌରାଙ୍ଗ ଦାସ ଓ ଆଶୁତୋଷ ସିଂହ ସଭାପରିଚାଳନା କରିଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

## ରାଜ୍ୟସ୍ତରୀୟ ସନ୍ତରଣ ଚମ୍ପିୟାନସିପରେ ଅର୍କଙ୍କୁ ବ୍ରୋଞ୍ଜ

ବାରିପଦା (ନି.ପ୍ର.)ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୬୬ତମ ଅଲ ଓଡିଶା ଜୁନିୟର ଓ ସବ ଜୁନିୟର ରାଜ୍ୟସ୍ତରୀୟ ସନ୍ତରଣ ଚାମ୍ପିୟାନସିପ ରେ ବାରିପଦାର ଅର୍କ ମୁଖାର୍ଜୀ ୧୬ ବର୍ଷରୁ କମ ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଓ ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୦ନଂ ୱାର୍ଡର ବାସିନ୍ଦା କଲ୍ଲୋଳ ମୁକାର୍ଜୀ ଓ ସୁଦୀପ୍ତା ଚକ୍ରବର୍ତୀଙ୍କ ସୁପୁତ୍ର ଅର୍କ ୨୦୦ମି ବେକ ଷ୍ଟ୍ରୋକରେ ୩ୟ ସ୍ଥାନ ଅଧିକାର କରି ଏହି ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଓ ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କ କୋଚ ନେଲସନ ଲାକ୍ରା ଓ ଗୁଲାପି କାଲୋଙ୍କୁ ଶ୍ରେୟ ଦେଇଛନ୍ତି ଓ ସେ ବର୍ତମାନ ଟିକରପଡା ସ୍ଥିତ ସରକାରୀ ପୋଲିଟେକନିକ କଲେଜରେ ପାଠ ପଢୁଛନ୍ତି ଓ ତାଙ୍କର ଏହି ସଫଳତା ପାଇଁ ଅନୁଷ୍ଠାନ କର୍ତୃପକ୍ଷ, ଛାତ୍ରଛାତ୍ରୀ ଓ ଜିଲ୍ଲା କ୍ରୀଡା ଅଧିକାରୀ ଡ଼ ସୁଭାଶିଷ ନାୟକ ଅଭିନନ୍ଦନ ଜଣାଇଛନ୍ତି ।



# ଜୀବାତ୍ମା ଏବଂ ସର୍ବୋଚ୍ଚ ଚେତନା ମଧ୍ୟରେ ମହାଜାଗତିକ ସମ୍ପର୍କକୁ ରେଖାଙ୍କିତ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆଜି ଦଶମ ଦିନରେ 'ଶାଜ ସୁଭାଶିତମ୍' ରେ ଜୀବାତ୍ମା ଏବଂ ପରମ ଚେତନା ମଧ୍ୟରେ ଥିବା ଗଭୀର ଆଧ୍ୟାତ୍ମିକ ଏବଂ ମହାଜାଗତିକ ସମ୍ପର୍କ ଉପରେ ଆଲୋକପାତ କରିଛନ୍ତି । ଏହା ହେଉଛି ସୁଭାସିତମ୍, 'ୟେଶତାମାସ୍ମିନାକେଶ୍ ତେଜୋମ୍ ଅହିଶତାମୃତମାୟା: ପୁରୁଷ: ସର୍ବନୁଭୁହା' । ୟେଶତାମାସ୍ମିନାତମର ତେଜମ୍ ହେଉଛି ୟେଶତମରୁଥମୟ: ପୁରୁଷ: ସର୍ବନୁଭୁହ । ଏହାର ଅର୍ଥ ହେଉଛି ଯେ ବିଶାଳ ଆକାଶ କିମ୍ବା ମହାକାଶରେ ପରିବ୍ୟାପ୍ତ ସେହି ସର୍ବଶକ୍ତିମାନ ଏବଂ ଚିରନ୍ତନ ସତ୍ୟ ମଧ ଆମ ଆତ୍ମାରେ ଉପସ୍ଥିତ ଅଛି । ସେଥିପାଇଁ କୁହାଯାଏ ଯେ ଜୀବ ମଧ୍ୟରେ କିମ୍ବା ପ୍ରତ୍ୟେକ କଣିକାରେ ଯାହା କିଛି ଅଛି, ତାହା ବ୍ରହ୍ମାଣ୍ଡରେ ମଧ ଅଛି ।

# ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା: ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ



ଭୁବନେଶ୍ୱର: ରାଜ୍ୟରେ ବର୍ଷା ପ୍ରକୋପ ଜାରି ରହିଛି । ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଅଂଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଆଗାମୀ ୨ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ତେବେ ବାହୁଡ଼ାରେ ପୁରୀରେ ମେଘୁଆ ପାଗ ସମ୍ଭାବନା ଥିବାବେଳେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଗୁଣ୍ଡିଚା ତୁଳନାରେ ଅପେକ୍ଷାକୃତ ବର୍ଷା ପରିମାଣ କମ୍ ରହିବା ସମ୍ଭାବନା ଅଛି । ଏବେ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ପାର୍ଶ୍ୱବର୍ତୀ ଝାଡ଼ଖଣ୍ଡ ସୀମାନ୍ତ ଅଂଚଳରେ ଏକ ଘୂର୍ଣ୍ଣିବଳୟ ଅଛି । ଏହା ପ୍ରଭାବରେ ୨୫ ଯାଏଁ ରାଜ୍ୟରେ ବର୍ଷା ରହିପାରେ । ପୁରୀ ତୁଳନାରେ ବାହୁଡ଼ାରେ ଭୁବନେଶ୍ୱରରେ ବର୍ଷା ଅଧିକ ହୋଇପାରେ । ବିଶେଷକରି ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ଆଶଙ୍କା ଥିବାରୁ ୫ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଓ ନୂଆପଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ଓ ଘଡ଼ଘଡ଼ିର ସମ୍ଭାବନା ରହିଛି । ସେହିପରି ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତ୍ ?ସିଂହପୁର, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ସହ ବଜ୍ରପାତର ଆଶଙ୍କା ରହିଛି । ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି, ରାଜ୍ୟରେ ୨୮ ଯାଏଁ ବର୍ଷା ରହିବ । ଉତର ଓଡ଼ିଶାରେ ବର୍ଷା ପରିମାଣ ଅଧିକ ରହିପାରେ ।



# ଚନ୍ଦ୍ର ଶେଖର ଆଜାଦଙ୍କ ଜନ୍ମ ବାର୍ଷିକୀରେ ସ୍ମରଣ କଲେ ଉପ ରାଷ୍ଟ୍ରପତି



ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ଗୁରୁବାର ଚନ୍ଦ୍ର ଶେଖର ଆଜାଦଙ୍କ ଜନ୍ମ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଉପରାଷ୍ଟ୍ରପତି କହିଛନ୍ତି, 'ଲୋକମାନ୍ୟ ବାଲ ଗଙ୍ଗାଧର ତିଳକଙ୍କ ଜୟନ୍ତୀ ଅବସରରେ ମୁଁ ଭାରତର ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ପ୍ରମୁଖ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଜଣେ ଦୂରଦୃଷ୍ଟିସମ୍ପନ୍ନ ରାଜନେତା, ବିଶିଷ୍ଟ ବିଦ୍ୱାନ ଏବଂ ନିର୍ଭୀକ ରାଷ୍ଟ୍ରବାଦୀ ଭାବେ ସେ ନିଜ ଅମର ସ୍ଲୋଗାନ 'ସ୍ୱରାଜ ମୋର ଜନ୍ମଗତ ଅଧିକାର ଏବଂ ମୁଁ ତାହା ପାଇବି' ଜରିଆରେ ଆତ୍ମଶାସନର ଭାବନାକୁ ଜାଗ୍ରତ କରିଥିଲେ । ତାଙ୍କର ନେତୃତ୍ୱ, ଲେଖା ଏବଂ ରାଷ୍ଟ୍ର ପ୍ରତି ଅତୁଟ ସମର୍ପଣ ପିଢ଼ି ପିଢ଼ିଙ୍କୁ ସ୍ୱାଧୀନତା ଏବଂ ଜାତୀୟ ଚେତନା ପାଇଁ ପ୍ରୟାସ କରିବାକୁ ପ୍ରେରଣା ଦେଇଥିଲା ଚନ୍ଦ୍ର ଶେଖର ଆଜାଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଉପରାଷ୍ଟ୍ରପତି କହିଛନ୍ତି ଯେ ଭାରତର ସ୍ୱାଧୀନତା ସଂଗ୍ରାମର ଏକ ଉଜ୍ଜ୍ୱଳ ପ୍ରତୀକ ଭାବରେ ସେ ଦେଶ ପ୍ରତି ଅସାଧାରଣ ସାହସ ଏବଂ ଅତୁଟ ଆନୁଗତ୍ୟର ଉଦାହରଣ ଦେଇଛନ୍ତି । ତାଙ୍କ ଜୀବନ ଅସଂଖ୍ୟ ଯୁବ ଭାରତୀୟଙ୍କୁ ମାତୃଭୂମିର ସେବାରେ ନିଜକୁ ଉତ୍ସର୍ଗ କରିବାକୁ ପ୍ରେରଣା ଦେଇଥିଲା । ତାଙ୍କର ଅବିସ୍ମରଣୀୟ ପରମ୍ପରା ପିଢ଼ି ପିଢ଼ି ଧରି ଦେଶପ୍ରେମର ଭାବନାକୁ ଜାଗ୍ରତ କରିବ । ବିର୍ଲା କହିଛନ୍ତି, 'ମହାନ ଦେଶପ୍ରେମୀ ତଥା ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ର ଶେଖର ଆଜାଦଙ୍କୁ ତାଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି । ଦେଶ ପାଇଁ ଉତ୍ସର୍ଗୀକୃତ ତାଙ୍କର ସମଗ୍ର ଜୀବନ ସର୍ବଦା ପ୍ରେରଣା ଯୋଗାଇବ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଚନ୍ଦ୍ର ଶେଖର ଆଜାଦ ଅସଂଖ୍ୟ ଯୁବ ଭାରତୀୟଙ୍କୁ ରାଷ୍ଟ୍ର ପ୍ରତି ସମର୍ପିତ ହେବାକୁ ପ୍ରେରଣା ଦେଇଥିଲେ । ତାଙ୍କର ସଂକଳ୍ପ ପ୍ରତ୍ୟେକ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ଭାରତର ସ୍ୱାଧୀନତା ସଂଗ୍ରାମରେ ଜଣେ ମହାନ ବ୍ୟକ୍ତିତ୍ୱ ଭାବେ ଲୋକମାନ୍ୟ ତିଳକ ରାଷ୍ଟ୍ରବାଦର ଭାବନାକୁ ପ୍ରଜ୍ୱଳିତ କରିଥିଲେ ଏବଂ ଭବିଷ୍ୟତ ପିଢ଼ିକୁ ଜନସେବାରେ ସମର୍ପିତ ହେବାକୁ ପ୍ରେରଣା ଦେଇଥିଲେ । ଅମିତ ଶାହା କହିଛନ୍ତି ଯେ ଆଜାଦ ଦେଶ ପାଇଁ ନିଜର ସବୁକିଛି ଉତ୍ସର୍ଗ କରିଥିଲେ ଏବଂ ମାତୃଭୂମିର ସ୍ୱାଧୀନତାକୁ ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ କରିଥିଲେ । କାକୋରୀ ଟ୍ରେନ୍ ଆକ୍ସନ୍ ମାଧ୍ୟମରେ ସେ ବ୍ରିଟିଶ ରାଜକୁ ଏକ ଦୃଢ ବାର୍ତା ପଠାଇଥିଲେ ଯେ କେବଳ ଏହାର ନାଗରିକମାନଙ୍କର ଦେଶର ସମ୍ବଳ ଉପରେ ଅଧିକାର ଅଛି । ସେ ବିପ୍ଳବୀମାନଙ୍କର ଏକ ପିଢ଼ି ସୃଷ୍ଟି କରିଥିଲେ ଯେଉଁମାନେ ବିଦେଶୀ ଶାସନର ମୂଳଦୁଆକୁ ଦୋହଲାଇ ଦେଇଥିଲେ । ଆଜି ମଧ ତାଙ୍କର ବୀରତ୍ୱପୂର୍ଣ୍ଣ କାହାଣୀ ପଢ଼ିବା ଦ୍ୱାରା ମୋର ହୃଦୟ ଦେଶପ୍ରେମରେ ଭରି ଯାଇଥାଏ ।

# ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର : ରାଜ୍ୟରେ ୦୧.୦୭.୨୦୨୬ କୁ ଯୋଗ୍ୟତା ସୂଚକ ତାରିଖ ଭାବେ ଗ୍ରହଣ କରି ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) କାର୍ଯ୍ୟକ୍ରମର ଅଗ୍ରଗତି ପରଖିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ନିଶ୍ଚିତ କରିବା ଲକ୍ଷ୍ୟରେ ନିର୍ବାଚନ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଜୁଲାଇ ୨୦ ରୁ ଜୁଲାଇ ୨୯, ୨୦୨୬ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲା ଗସ୍ତ କରି କ୍ଷେତ୍ରସ୍ତରୀୟ ସମୀକ୍ଷା କରୁଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ ଙ୍କ କାର୍ଯ୍ୟାଳୟ ଆଦେଶ ପତ୍ର ଅନୁଯାୟୀ, ସିଇଓ କାର୍ଯ୍ୟାଳୟ ର ବିତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ ସୁନ୍ଦରଗଡ ,ଡେ଼ପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ କେନ୍ଦୁଝର , ସହାୟକ(ଆସିଷ୍ଟାଂଟ) ସିଇଓ ପ୍ରେମାନନ୍ଦ ଜେନା କଳାହାଣ୍ଡି , ଆସିଷ୍ଟାଂଟ ସିଇଓ ପ୍ରଦୀପ ମୁର୍ମୁ ଅନୁଗୋଳ ଓ ଡେ଼ପୁଟି ସେକ୍ରେଟାରୀ ଦିନମଣୀ ନାଏକ ଆଜି ଯାଜପୁର ଜିଲ୍ଲା ଗସ୍ତ କରି ଚିଠା ଭୋଟର ତାଲିକା ପ୍ରକାଶନ ପରବର୍ତୀ କାର୍ଯ୍ୟକ୍ରମ ବିଶେଷ କରି ଦାବି ଓ ଆପତି , ପଞ୍ଜୀକରଣ, ନୋଟିସ୍ ପ୍ରଦାନ ଓ ମାମଲା ଫଇସଲା ପ୍ରକ୍ରିୟାର ଅଗ୍ରଗତି ପ୍ରତ୍ୟକ୍ଷ ଭାବେ ଅଧିକାରୀମାନେ ତଦାରଖ କରିଥିଲେ । ସେହିପରି ଗସ୍ତ ସମୟରେ ଅଧିକାରୀମାନେ ଜିଲ୍ଲା ନିର୍ବାଚନ ଅଧିକାରୀ , ନିର୍ବାଚକ ପଞ୍ଜୀକରଣ ଅଧିକାରୀ , ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ , ବିଏଲ୍ ଓ ସୁପରଭାଇଜର ଓ ବିଏଲ୍ଓ ମାନଙ୍କ ସହ ଆଲୋଚନା କରିଥିଲେ ।

# ଯୁକ୍ତ ଦୁଇ ଦ୍ୱିତୀୟ ମେଧା ତାଲିକା ପ୍ରକାଶିତ



ଭୁବନେଶ୍ୱର : ୨୦୨୬-୨୭ ଶିକ୍ଷାବର୍ଷ ଯୁକ୍ତ ଦୁଇ ଫେଜ୍ ୧ ନାମଲେଖାର ଦ୍ୱିତୀୟ ମେଧା ତାଲିକାରେ ମୋଟ ୪୬,୫୭୦ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି । ଚୟନ ପ୍ରକ୍ରିୟା ସମୟରେ ୮୭,୫୪୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମୋଟ ୪୬,୫୭୦ ଜଣଙ୍କୁ ଚୟନ କରାଯାଇଛି । ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରୁ ୨୫,୮୭୪ ଜଣ ସ୍ଲାଇଡ୍-ଅପ୍ ଅନୁରୋଧ ମାଧ୍ୟମରେ ନାମଲେଖିଛନ୍ତି । ମନୋନୀତ ଛାତ୍ରଛାତ୍ରୀଙ୍କ ମଧ୍ୟରେ କଳାରେ ସର୍ବାଧିକ ୩୨,୭୮୨ ଜଣ ନାମ ଲେଖାଇଛନ୍ତି, ଏହାପରେ ବିଜ୍ଞାନରେ ୧୧,୨୯୭ ଜଣ, ବାଣିଜ୍ୟରେ ୨,୦୮୩ ଜଣ, ଧନ୍ଦାମୂଳକରେ ୨୬୧ ଜଣ ଏବଂ ସଂସ୍କୃତରେ ୧୪୭ ଜଣ ଅଛନ୍ତି । ମୋଟ ୨୩,୨୩୧ ଜଣ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ପ୍ରଥମ ପସନ୍ଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇବାର ସୁଯୋଗ ମିଳିଛି । କଟକର ରେଭେନସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳାରେ ସର୍ବାଧିକ କଟଅଫ୍ (୭୮.୦୦%), ବାଣିଜ୍ୟରେ (୭୮.୨୦%) ଏବଂ ବିଜ୍ଞାନରେ (୯୦.୦୦% ) ହାସଲ କରିଛି । ବାଲେଶ୍ୱରର ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲେଶ୍ୱରର ଏଫଏମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୬୭.୬୭% କଟଅଫ୍ ସହିତ ଧନ୍ଦାମୂଳକ ଷ୍ଟ୍ରିମ୍ ?ରେ ଶୀର୍ଷରେ ରହିଛି । ଉପଶାସ୍ତ୍ରୀ ଷ୍ଟ୍ରିମ୍ ରେ ପାରଳାଖେମୁଣ୍ଡିର ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୭୬.୦୦% ସହିତ ସର୍ବାଧିକ କଟଅଫ୍ ରେକର୍ଡ କରିଛି ।

# ଏମସିଏଲ୍‌ର ହାଣ୍ଡିଧୁଆଠାରେ 'କୋଲ୍-ନୀର' ପ୍ଲାଂଟ ଉଦ୍‌ଘାଟନ କଲେ କେନ୍ଦ୍ର ମନ୍ତ୍ରୀ ଜି. କିଷନ ରେଡ୍ଡୀ





ସମ୍ବଲପୁର (ନି.ପ୍ର) : କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଶ୍ରୀ ଜି. କିଷନ ରେଡ୍ଡୀ, ନୂଆଦିଲ୍ଲୀରୁ ଭର୍ଚୁଆଲ୍ ମାଧ୍ୟମରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଗଉଖ) ର ତାଳଚେରସ୍ଥିତ ହାଣ୍ଡିଧୁଆରେ ନିର୍ମିତ ପ୍ୟାକେଜଡ୍ ପାନୀୟ ଜଳ ପ୍ଲାଂଟ 'କୋଲ୍-ନୀର'ର ଉଦ୍‌ଘାଟନ କରିଛନ୍ତି । ଖଣି ଖନନ କାର୍ଯ୍ୟ ପରିସମାପ୍ତି ହେବାପରେ ସ୍ଥାୟୀ ବିକାଶ ଏବଂ ସମାଜର ଜନକଲ୍ୟାଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ନୂଆଦିଲ୍ଲୀଠାରେ ତା. ୨୨ ଜୁଲାଇ, ୨୦୨୬ରିଖରେ ଆୟୋଜିତ ଏହି ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସତୀଶ ଚନ୍ଦ୍ର ଦୁବେ, କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା (ସ୍ୱାଧୀନ ଦାୟିତ୍ୱ) ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜିତେନ୍ଦ୍ର ସିଂହ, କୋଇଲା ମନ୍ତ୍ରଣାଳୟର ସଚିବ ଶ୍ରୀ ବିକ୍ରମ ଦେବ ଦତ, ଅତିରିକ୍ତ ସଚିବ ଶ୍ରୀମତୀ ରୂପିନ୍ଦର ବରାର, କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ଶ୍ରୀ ବି. ସାଇରାମ ଏବଂ ଏମସିଏଲ୍‌ର ସିଏମଡି ଶ୍ରୀ ଉଦୟ ଅନନ୍ତ କାଓଲେ ପ୍ରମୁଖ ଉପସ୍ଥିତ ଥିଲେ । ଏହିକ୍ରମରେ, ତାଳଚେରସ୍ଥିତ ପ୍ଲାଂଟ ପରିସରରେ ତାଳଚେର ବିଧାୟକ ଶ୍ରୀ ବ୍ରଜକିଶୋର ପ୍ରଧାନ, ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା, ଏମସିଏଲ୍‌ର ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ଏସ.କେ. ଝା, ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ଏସ.ଏସ. ନାୟକ, ତାଳଚେର କ୍ଷେତ୍ରର ମହାପ୍ରବନ୍ଧକ ଶ୍ରୀ ଡି.ସି. କୁଣ୍ଡୁ, ସିଏସଆର ମହାପ୍ରବନ୍ଧକ ଶ୍ରୀ ଜ୍ୟୋତିର୍ମୟ ସିହ୍ନା, ତାଳଚେର ଉପ-ଜିଲ୍ଲାପାଳ ଶ୍ରୀ ଆଶିଷ ରଞ୍ଜନ ସାହୁ ସମେତ ଏମସିଏଲ୍‌ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ପ୍ରଥମ ଟି-୨୦ : ଜିମ୍ବାୱେକୁ ୭ ୱିକେଟରେ ପରାସ୍ତ କଲା ଭାରତ



ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ବଡ଼ ବିଜୟ । ପ୍ରଥମ ଟି-୨୦ରେ ଜିମ୍ବାୱେକୁ ୭ ୱିକେଟରେ ପରାସ୍ତ କରିଛି । ୧୨୬ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ଦଳ ୩୪ ବଲ ପୂର୍ବରୁ ଏହାକୁ ହାସଲ କରି ନେଇଛି । ଦଳ ପକ୍ଷରୁ ଯୁବ ଓପନର ବେ ?ଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି । ଭାରତ ଆଗରେ ୧୨୬ ରନର ବିଜୟ ଲକ୍ଷ୍ୟ ରହିଥିଲା । ଓପନର ଅଭିଶେକ ଶର୍ମା ୮ ବଲରୁ ମାତ୍ର ୧ ରନ କରି ଆଉଟ୍ ହୋଇଥିଲେ । ତେବେ ସାଥୀ ଖେଳାଳି ବୈଭବଙ୍କ ବ୍ୟାଟ୍ କିନ୍ତୁ ଅଟକି ନଥିଲା । ସେ ଇଶାନଙ୍କ ସହ ମିଶି ଦଳୀୟ ସ୍କୋରକୁ ଆଗକୁ ବଢ଼ାଇବା ସହ ୧୯ ବଲରୁ ୫୦ ରନ କରିଛନ୍ତି । ଯେଉଁଥିରେ ୪ ଚୌକା ଏବଂ ୪ ଛକା ରହିଛି । ଏହା ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ଅର୍ଦ୍ଧଶତକ । ଏହାସହ ଭାରତ ପକ୍ଷରୁ ଇଶାନ କିଷନ ୨୪ ବଲରୁ ୩୫ ରନ କରିଛନ୍ତି । ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଶ୍ରେୟସ ଆୟାର ୨୮ ରନ କରିଥିବାବେଳେ ତିଲକ ବର୍ମା ରନ କରିବାରେ ସକ୍ଷମ ହୋଇଛନ୍ତି । ସେପଟେ ଜିମ୍ବାୱେ ପକ୍ଷରୁ ମୁଜରବାନି ୨ଟି ୱିକେଟ ଅକ୍ତିଆର କରିଛନ୍ତି । ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା ଭାରତ । ଜିମ୍ବାୱେ ବ୍ୟାଟିଂ କରିଥିବାବେଳେ ପ୍ରଥମ ବଲରୁ ଲାଗିଥିଲା ଝଟକା । ମୟଙ୍କ ଯାଦବ ଭାରତକୁ ଦେଇଥିଲେ ସଫଳତା । ଜିମ୍ବାୱେର ବ୍ୟାଟରମାନେ ତିନି ଦ୍ରୁତ ବୋଲର-ମୟଙ୍କ ଯାଦବ, ଅଶୋକ ଶର୍ମା ଏବଂ ପ୍ରିନ୍ସ ଯାଦବଙ୍କ ଘାତକ ବୋଲିଂକୁ ସହ୍ୟ କରିପାରି ନଥିଲେ । ମୟଙ୍କ ଯାଦବ ଓପନିଂ ଡେଲିଭରିରେ ବ୍ରାଏନ୍ ବେନେଟ୍‌ଙ୍କୁ ଆଉଟ୍ କରିଥିଲେ । ପରେ ଦଳର ବ୍ୟାଟ୍ସମ୍ୟାନ ଦୀର୍ଘ ସମୟ ତିଷ୍ଠିପାରି ନଥିଲେ । ଦଳ ୭ ୱିକେଟରେ ୧୨୫ ରନ କରିବାରେ ସକ୍ଷମ ହୋଇଥିଲା ।




Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**